# ବାଧିତମାନଙ୍କର ଅଧିକାର ପାଇଁ ମିଳିତ ଜାତିସଂଘର ସନନ୍ଦ

# (UNCRPD)









VSO
Sharing skills
Changing lives

aaina

# ମୁଖବନ୍ଧ

ପ୍ରତ୍ୟେକ ମଣିଷର ଅଧିକାରକୁ ସମ୍ମାନ ଜଣାଇବା ହିଁ ମାନବିକ ଅଧିକାରର ମୂଳ ଉଦ୍ଦେଶ୍ୟ । ବାଧିତ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ, ବାଧିତ ବ୍ୟକ୍ତି ତଥା ପିଲାମାନଙ୍କର ଅଧିକାର ପାଇଁ କାମ କରିବାର ଦୀର୍ଘ ୨୦ ବର୍ଷ ମଧ୍ୟରେ ''ବାଧିତ ମାନଙ୍କର ଅଧିକାର ପାଇଁ ମିଳିତ ଜାତିସଂଘର ସନନ୍ଦ'' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ହିସାବରେ ମୁଁ ପରିଗଣନା କରେ । ଏବଂ ଏହା ମଧ୍ୟ ଏହି ଶତାବ୍ଦୀର ବାଧିତମାନଙ୍କ ପାଇଁ ପ୍ରଥମ ମାନବ ଅଧିକାର ଦସ୍ତାବିଜ୍ ।

ଭାରତ ଏହି ଦସ୍ତାବିଜ୍‌ରେ ସ୍ୱାକ୍ଷର କରିବା ଓ ଏହି ଚୁକ୍ତିନାମା ଅନୁଯାୟୀ ବାଧିତ ପିଲା ଓ ବ୍ୟକ୍ତିଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଏହି ସନନ୍ଦଟି ଆନ୍ତର୍ଜାତୀୟ ରାଷ୍ଟ୍ର ସମୂହଙ୍କର ଅକ୍ଷମତା ଏକ ମାନବିକ ଅଧିକାରଗତ ସମସ୍ୟା ଯାହାର ଗଭୀର ଅନୁଶୀଳନ ଦୃଢ଼ ତଥା ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥାର ଆବଶ୍ୟକତା ଉପଲବ୍ଧିକୁ ପ୍ରତିଫଳନ କରେ ବାଧିତ ବ୍ୟକ୍ତିମାନେ ଦୟାର ପାତ୍ର ହିସାବରେ କୌଣସି ଦେଶରେ କାର୍ଯ୍ୟକ୍ରମ, ଯୋଜନା ବା ନୀତି ନିୟମର ଅର୍ନ୍ତଭୁକ୍ତ ନହେବା ପାଇଁ ବାଧିତ ବ୍ୟକ୍ତିମାନଙ୍କର ଏକ ସୁଦୀର୍ଘ ସଂଘର୍ଷ ଫଳସ୍ୱରୂପ ମିଳିତ ଜାତିସଂଘର ସନନ୍ଦ ଟି ସର୍ବ ଆଦୃତ ।

ଏହି ସନନ୍ଦଟି ଏକ ଆଇନଗତ ପ୍ରତିଶ୍ରୁତି ବଦ୍ଧତା ଏକ ଏହାର କାର୍ଯ୍ୟକାରିତା ଅନିବାର୍ଯ୍ୟ ଅଟେ । ଅକ୍ଷମତା କ୍ଷେତ୍ରରେ UNCRPD ରେ ପୂର୍ବରୁ ବହୁତ କିଛି ଘୋଷଣା କରାଯାଇଛି ଯେପରିକି " The standard Rules on the Equalisation of opportunities for person with disability-1993 ହେଉଛି ସବୁଠାରୁ ଜଣାଶୁଣା ଆନ୍ତର୍ଜାତିକ ଘୋଷଣାନାମା ଯାହାକି ଆଇନ୍ ପ୍ରତିବଦ୍ଧତା ନଥିଲା । ତଥାପି ଏହାକୁ ଭିତ୍ତିକରି ଭାରତରେ ୧୯୯୫ ମସିହାରେ PWD act (Equal Opportunities. Participation and Protection Rights) ପ୍ରଣୟନ କରାଯାଇଥିଲା ।

ଏହି ସନନ୍ଦଟିକୁ ବୁଝିବା ଏବଂ ଏହାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ନିତ୍ୟାନ୍ତ ଜରୁରୀ, ବିଶେଷ ଭାବରେ ଗାଁ ଗହଳିରେ ତଥା ବାଧିତ ବ୍ୟକ୍ତିମାନଙ୍କ ସହିତ କାମ କରୁଥିବାବ୍ୟକ୍ତି ନିଜେ ବାଧିତ ବ୍ୟକ୍ତିମାନେ ତଥା ସଂସ୍ଥାମାନେ ଏହାର ବିଶେଷତ୍ୱ ଉପରେ ଦୃଷ୍ଟିପାତ କରିବା ନିତ୍ୟାନ୍ତ ଆବଶ୍ୟକ । ଏହା ଏକ ବିସ୍ତୃତ ତଥା ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଦ୍ୱାରା ବାସ୍ତବ ପକ୍ଷରୁ ଅନେକ ହରେଇଲା ଭଳି ଲାଗେ । କିନ୍ତୁ ଏଭଳି ସନନ୍ଦ UNCRPD ଆମକୁ ଆଗେଇ ନେବାରେ ସାହାଯ୍ୟ କରେ । ଆମେ ଆଶା କରୁ ଏହି ସନନ୍ଦଟି

**ପାଠକମାନଙ୍କୁ ନିମ୍ନୋକ୍ତ ଭାବେ ସାହାଯ୍ୟ କରିବ ।**

- ❑ ଅଧିକାର ଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରଭାବିତ କରିପାରୁଥିବା ଭଳି ନୀତି ଓ ମୂଲ୍ୟବୋଧ
- ❑ ଆମ ନୀତି ଏବଂ କାର୍ଯ୍ୟକ୍ରମରେ ଆଶା କରୁଥିବା ସ୍ତର ଓ ମାନ ବୃଦ୍ଧିରେ
- ❑ ଆମେ ଭାବି ପାରିନଥିବା ସମସ୍ୟା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିବା
- ❑ ପ୍ରତ୍ୟେକଟି ସନନ୍ଦ ଆର୍ନ୍ତଜାତୀୟ ରାଷ୍ଟ୍ରମାନଙ୍କର କ୍ରମ ବର୍ଦ୍ଧିଷ୍ଣୁ ଜ୍ଞାନର ଦଲିଲ୍ ଏବଂ ଆନ୍ତର୍ଜାତୀୟ ରାଷ୍ଟ୍ରମାନଙ୍କର କ୍ରମ ବର୍ଦ୍ଧିଷ୍ଣୁ ଜ୍ଞାନର ଦଲିଲ୍ ଏବଂ ଆର୍ନ୍ତଜାତିକ ଜ୍ଞାନକୁ ଆହରଣ କରି ନିଜକାମରେ ଲଗେଇବା ଗୁରୁତ୍ୱପୂର୍ଣ୍ଣ ଅଟେ ।
- ❑ ଏହି ଦସ୍ତାବିଜ୍‌ର ପ୍ରସ୍ତୁତି ଓ ଲିପିବଦ୍ଧରେ ନିଜେ ବାଧିତମାନଙ୍କର ସକ୍ରିୟ ଅଂଶ ଗ୍ରହଣ ତଥା ନିତ ଜୀବନ ଓ ଅନୁଭୂତିର ଦୃଷ୍ଟାନ୍ତ UNCRPD ର ବିଶେଷତ୍ୱ ଅଟେ ।
- ❑ ଯେ ହେତୁ ଆମ ଦେଶର ଆଇନ୍ କାନୁନ୍ ଏହି ଦସ୍ତାବିଜ୍ ପରିପେକ୍ଷରେ ପରିବର୍ତ୍ତନ ହେବା ଆବଶ୍ୟକ । ଆମେ ନିଜକୁ ଏହି ପରିବର୍ତ୍ତନ ଧାରା ରେ ଆବଶ୍ୟକ ଜ୍ଞାନ ସହ ସାମିଲ ହେବା ଦରକାର ।

ଏହି ଦସ୍ତାବିଦ୍‌ରେ ପ୍ରଥମଥର ପାଇଁ ବାଧିତ ମହିଳାଙ୍କର ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଏହାଛଡା ପିଲାମାନଙ୍କର କ୍ରମବର୍ଦ୍ଧିଷ୍ଣୁ କ୍ଷମତା ଉପରେ ମଧ ଆଲୋଚନା କରାଯାଇଛି ।

ସର୍ବୋପରି UNCRPT ସନନ୍ଦଟି ମାନବିକ ଅଧିକାର ଦୃଷ୍ଟିକୋଣରୁ ଅକ୍ଷମତାକୁ ବୁଝିବା ଭଳି ଏକ ବିସ୍ତୁତ ଦସ୍ତାବିଦ୍  ପାଠକମାନଙ୍କର UNCRPD ସମ୍ବନ୍ଧୀୟ ଆଶାନୁରୂପ  ଭୂମିକା ଏହି ପୁସ୍ତିକାଟିରେ ଯୋଗାଇବାରେ ଏହାକ ଏକ ପ୍ରୟାସ ।

ଏହି  ଅବସରରେ ଉପଦେଷ୍ଟା ଶ୍ରୀଯୁକ୍ତ ଗୀରିଶ କୁମାର ଦାଶ ଭାଷାନୁବାଦ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।  VSO India ର ସାହାଯ୍ୟରେ ଏହି ପୁସ୍ତିକାଟିର ପ୍ରକାଶନରେ ଅବର୍ଣ୍ଣନୀୟ 'ଆଇନା'ରେ କାର୍ଯ୍ୟରତ ମୋର ସହକର୍ମୀମାନେ ବିଶେଷଭାବରେ ଶ୍ରୀଯୁକ୍ତ ଦୀଲିପ୍ କୁମାର ବିଶ୍ୱାଳ ଓ ଜ୍ୟୋସ୍ନାରାଣୀ ସାହୁ ପୁସ୍ତିକାଟିର ପ୍ରକାଶରେ ସାହାଯ୍ୟ କରିବାରୁ ଆନ୍ତରିକ ଧନ୍ୟବାଦ ଓ ମୋର ସହକର୍ମୀ ଶ୍ରୀ ବସନ୍ତ କୁମାର ପଟ୍ଟନାୟକ ଓ ଶିଶୁ ଶିକ୍ଷୀ–ଶିକ୍ଷା ରିମା ରଥଙ୍କୁ ପୁସ୍ତିକାଟିର ପ୍ରଚ୍ଛଦ ପୃଷ୍ଠାର ରୂପରେଖ ପାଇଁ ଅଶେଷ ଧନ୍ୟବାଦ । ଅଗଣିତ ବାଧିତ ବ୍ୟକ୍ତି ଏହି ସନନ୍ଦଟିର ପ୍ରସ୍ତୁତି ଓ ପ୍ରକାଶନ ପାଇଁ ସଂଘର୍ଷ ପରିଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ମୋର ଆନ୍ତରିକ କୃତଜ୍ଞତା

ଆପଣମାନଙ୍କର ମତାମତ ଅପେକ୍ଷାରେ ।

**ସ୍ନେହ ମିଶ୍ର**

ସମ୍ପାଦିକା, 'ଆଇନା'

# ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ମିଳିତ ଜାତିସଂଘ ବୈଠକରେ ଗୃହୀତ ଅଧିକାର-ସାଧାରଣ ବ୍ୟକ୍ତିମାନଙ୍କ ନିର୍ଦ୍ଦେଶିକା

## ପ୍ରାଥମିକ ସୂଚନା

(କ) ମିଳିତ ଜାତିସଂଘର ମୂଳତତ୍ତ୍ୱ ହେଉଛି ଆମେ ସମସ୍ତେ ସମାନ ଏବଂ ମାନବ ପରିବାରର ସଦସ୍ୟ; ଯାହାକି ବିଶ୍ୱରେ ସ୍ୱାଧିନତା, ନ୍ୟାୟ ଏବଂ ଶାନ୍ତିପାଇଁ ଅତ୍ୟନ୍ତ ଆବଶ୍ୟକ ।

(ଖ) ଆମେ ସମସ୍ତେ ସମାନ ଏବଂ ଆମ ସମସ୍ତଙ୍କର ମାନବିକ ଅଧିକାର ରହିଛି ।

(ଗ) ଆମେ ଏକମତ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ନିଶ୍ଚିତ ଭାବରେ ସମସ୍ତ ମାନବିକ ଅଧିକାର ଓ ମୌଳିକ ସ୍ୱାଧିନତା ଉପଭୋଗ କରିବେ ଏବଂ ଏ ସମ୍ବନ୍ଧରେ ସେମାନଙ୍କ ନିମନ୍ତେ ନିରପେକ୍ଷତା ଅବଲମ୍ବନ କରାଯିବ ।

(ଘ) ମାନବିକ ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ତାର ସୁରକ୍ଷା କରିବା ନିମନ୍ତେ ଆଉ ସାତଗୋଟି ଆନ୍ତର୍ଜାତିକ ଚୁକ୍ତିନାମା ରହିଛି ।

(ଙ) ଆମେ ଜାଣିବାରେ ଅକ୍ଷମତାର ସଜ୍ଞା ସର୍ବଦା ପରିବର୍ତ୍ତନଶୀଳ ଏବଂ ପରିବେଶ ତଥା ବ୍ୟକ୍ତିମାନଙ୍କର ମନୋଭାବ ହିଁ ଅକ୍ଷମତା ସୃଷ୍ଟିର କାରଣ ।

(ଚ) ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର କଲ୍ୟାଣ ନିମନ୍ତେ ଆଇନ୍ ଓ ନିୟମ ପ୍ରଣୟନ, ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥିରିକରଣ । ସେମାନଙ୍କର ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରିବା ସମୟରେ କେଉଁ ସାଧାରଣ ନିୟମ ଏବଂ ସାର୍ବଜନୀନ କାର୍ଯ୍ୟକ୍ରମ ସାଧିତ ହୋଇପାରୁଛି ତାହା ଆମର ମନେ ରଖିବା ଜରୁରୀ ।

(ଛ) ସରକାର ଏବଂ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ଯେତେବେଳେ କୌଣସ ଦେଶର ଉନ୍ନତି ନିମନ୍ତେ ଯୋଜନା କରି ଥାଆନ୍ତି (ଯେପରିକି ଲୋକମାନଙ୍କୁ ଦାରିଦ୍ର୍ୟମୁକ୍ତ କରିବା କିମ୍ବା ସେମାନଙ୍କୁ କର୍ମ ଯୋଗାଇଦେବା) ସେମାନେ ନିଶ୍ଚିତ ହେବା ଆବଶ୍ୟକ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ପରିସ୍ଥିତି ଗୁଡ଼ିକୁ ସର୍ବଦା ସମଭାବରେ ବିଚାର କରାଯାଉଛି ।

(ଜ) ଆମେ ବୁଝିଥାଉ ଯେ, ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କୁ ଯଦି କେହି ପକ୍ଷପାତ କରନ୍ତି, ତେବେ ତାଦ୍ୱାରା ସେ ସେମାନଙ୍କର ସମ୍ମାନ ଏବଂ ମାନବୀୟ ମୂଲ୍ୟବୋଧକୁ ଅପହରଣ କରିଥାଆନ୍ତି ।

(ଝ) ଆମେ ଜାଣୁ ଯେ ବହୁ ପ୍ରକାରର ଅକ୍ଷମତାଯୁକ୍ତ ବ୍ୟକ୍ତି ଅଛନ୍ତି ଏବଂ ସେମାନଙ୍କ ଭିତରେ ମଧ୍ୟ ଅନେକ ପ୍ରକାରର ବିଭିନ୍ନତା ରହିଛି ।

(ଞ) ଆମେ ମଧ୍ୟ ଜାଣିଛୁ ଯେ, ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଅକ୍ଷମତାଯୁକ୍ତ ବ୍ୟକ୍ତିଙ୍କର ମଧ୍ୟ ଅଧିକାର ରହିଛି ।

(ଟ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାରର ସୁରକ୍ଷା ନିମନ୍ତେ ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ ଆମେ ବିବ୍ରତ ଯେ, ସେମାନଙ୍କୁ ସେଥିରୁ ବଞ୍ଚିତ କରାଯାଉଛି ।

(ଠ) ଆମେ ଜାଣିଛୁ ଯେ, ବିଶେଷତଃ ଗରିବ ରାଷ୍ଟ୍ରଗୁଡ଼ିକରେ ବାସକରୁଥିବା ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ରାଷ୍ଟ୍ରଗୁଡ଼ିକ ପରସ୍ପର ସହିତ ସହଯୋଗ ପୂର୍ବକ କାର୍ଯ୍ୟ କରିବା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ।

(ଡ଼) ଆମେ ମଧ୍ୟ ଜାଣିଛୁ ଯେ, ଯଦି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସମାଜର ସମସ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଏ ଏବଂ ଅଧିକାରଗୁଡ଼ିକୁ ଉପଭୋଗ କରିବାପାଇଁ ସେମାନଙ୍କୁ ସୁଯୋଗ ଦିଆଯାଏ, ସେମାନେ ଉନ୍ନତ ଦେଶ ଗଠନରେ ସହାୟକ ହୋଇପାରିବେ ।

(ଢ଼) ଆମେ ଜାଣିଛୁ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେସ୍ୱାଧିନଭାବରେ ନିଜର ନିଷ୍ପତ୍ତି ନେଇପାରିବା ଜରୁରୀ ଅଟେ ।

(ଣ) ଆମେ ବିଶ୍ୱାସ କରୁଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସେମାନେ ସିଧାସଳଖ ଭାବେ ସମ୍ପୃକ୍ତଥିବା ବିଷୟରେ ନୀତି ନିର୍ଦ୍ଧାରଣ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବାରେ ସେମାନଙ୍କୁ ସାମିଲ କରିବା ।

(ତ) ଆମେ ଚିନ୍ତିତ ଯେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ଅକ୍ଷମତା ପାଇଁ ଯେ କେବଳ ପକ୍ଷପାତ କରାଯାଉଛି ତାହାନୁହେଁ, ଏହା ସଙ୍ଗେ ସଙ୍ଗେ ସେମାନଙ୍କୁ ଜାତି, ଲିଙ୍ଗ, ତଥା ଅନ୍ୟାନ୍ୟ କାରଣପାଇଁ ମଧ୍ୟ ପୃଥକ/ପକ୍ଷପାତ କରାଯାଉଛି ।

(ଥ) ଆମେ ଜାଣୁଯେ, ଅନେକ ସମୟରେ ଅକ୍ଷମତାଯୁକ୍ତ ମହିଳା ଏବଂ ବାଳିକାମାନଙ୍କୁ ଅଧିକମାତ୍ରାରେ ଅତ୍ୟାଚାର, ପ୍ରହାର, କ୍ଷତ ବିକ୍ଷତ କରାଯାଉଛି କିମ୍ବା ସେମାନଙ୍କଠାରେ ସୁଯୋଗର ଅପବ୍ୟବହାର କରାଯାଉଅଛି ।

(ଦ) ଆମେ ଜାଣିଛୁ ଯେ, ଅନ୍ୟ ପିଲାମାନଙ୍କଭଳି ଅକ୍ଷମତାଯୁକ୍ତ ପିଲାମାନଙ୍କର ମଧ୍ୟ ସମପରିମାଣରେ ଅଧିକାର ରହିଛି । ସୁତରାଂ ଶିଶୁମାନଙ୍କର ଅଧିକାର ସମ୍ବନ୍ଧୀୟ ଆନ୍ତର୍ଜାତିକ ଚୁକ୍ତିନାମା ମଧ୍ୟ ସେମାନଙ୍କ ପାଇଁ ପ୍ରଯୁଜ୍ୟ ।

(ଧ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଯେଉଁସବୁ ଅଧିକାର ଗୁଡ଼ିକ ଦେଶ ପ୍ରଣୟନ କରିଥାଏ, ଏ କ୍ଷେତ୍ରରେ ଉଭୟ ପୁରୁଷ ଏବଂ ନାରୀମାନଙ୍କର ପରିସ୍ଥିତିକୁ ଅନୁଧ୍ୟାନ କରିବା ନିମନ୍ତେ ଆମେ ନିଶ୍ଚିତ ହେବା ଆବଶ୍ୟକ ।

(ନ) ଆମେ ମନେରଖିବା ନିତାନ୍ତ ଜରୁରୀ ଯେ, ଅକ୍ଷମତାଯୁକ୍ତ ଅଧିକାଂଶ ବ୍ୟକ୍ତି ପ୍ରାୟତଃ ଗରିବ । ସୁତରାଂ ଏହା ସେମାନଙ୍କ ଉପରେ କି ପ୍ରକାର ପ୍ରଭାବ ପକାଇଥାଏ ଏହା ଜାଣିବା ଆବଶ୍ୟକ ।

(ପ) ଆମେ ମନେରଖିବା ଯେ, ବିଶେଷତଃ ଯୁଦ୍ଧ ଅଞ୍ଚଳରେ ଅଥବା ନିଜ ସରକାର ବହିର୍ଭୂତ ରାଷ୍ଟ୍ରରେ ବାସକରୁଥିବା ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ବଜାୟ ରଖାଯାଇ ପାରିଛି । ଏ ସମ୍ବନ୍ଧରେ ନିଶ୍ଚିତ ହେବାପାଇଁ ଆମ୍ଭମାନଙ୍କ ମଧ୍ୟରେ ଶାନ୍ତି ଏବଂ ନିରାପତ୍ତା ପାଇଁ ସହମତ ନିର୍ଦ୍ଧାରିତ ହୋଇଛି ।

(ଫ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ଜୀବନକୁ ଉପଭୋଗ କରିବା, ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନନେବା, ବିଦ୍ୟାଳୟକୁ ଯିବା, ଆବଶ୍ୟକ ତଥ୍ୟ ପାଇବା ଇତ୍ୟାଦିଦ୍ୱାରା ସେମାନେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିପାରିବା– ଏହା କେତେ ଜରୁରୀ ତାହା ଆମେ ଜାଣିବା ଆବଶ୍ୟକ।

(ବ) ଆମେ ବୁଝିବା ଦରକାର ଯେ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମଧ୍ୟ ନିଶ୍ଚନ୍ତ ହେବା କର୍ତ୍ତବ୍ୟ ଯେ, ସମସ୍ତେ ନିଜନିଜର ଅଧିକାର ଉପଭୋଗ କରୁଛନ୍ତି ।

(ଭ) ଆମେ ବିଶ୍ୱାସ କରୁଯେ, ପରିବାର ହେଉଛି ସମାଜର ଏକ ମୁଖ୍ୟ ଅଂଶ । ତେଣୁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଏବଂ ସେମାନଙ୍କର ପରିବାରବର୍ଗ, ସେମାନଙ୍କର ମାନବିକ ଅଧିକାର ନିମନ୍ତେ ଚାହୁଁଥିବା କାର୍ଯ୍ୟ ପାଇଁ ନିରାପତ୍ତା ଏବଂ ସାହାଯ୍ୟ ପାଇବା ଦରକାର ।

(ମ) ଆମେ ବିଶ୍ୱାସ କରୁଯେ, ଏପରି ଏକ ଚୁକ୍ତିନାମା ହେବା ଉଚିତଯାହାକି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଧିକ ସାହାଯ୍ୟ କରିପାରିବ ଓ ଗରିବ ଏବଂ ଧନୀ ରାଷ୍ଟ୍ରମାନଙ୍କରେ ସେମାନଙ୍କୁ ସମାନ ଆଚରଣ ଦେଖାଯିବ ଏବଂ ସେମାନେ ଜୀବନରେ ବିଭିନ୍ନ କ୍ଷେତ୍ରରେ ସମପରିମାଣରେ ସାମିଲ ହୋଇପାରିବେ । ଯେଉଁ ଦେଶ ଗୁଡ଼ିକ ଏହି ସନନ୍ଦ ବା ଚୁକ୍ତିନାମାରେ ଅଂଶ–ଗ୍ରହଣ କରିବାପାଇଁ ସ୍ଥିର କରିବେ, ସେମାନେ ତାଲିକାଭୁକ୍ତ ସମସ୍ତ ବିଷୟରେ ରାଜିହେବେ ।

**ଧାରା ୧:**

ଏହି ଚୁକ୍ତିନାମା କାହିଁକି ପ୍ରସ୍ତୁତ କରାଯାଇଛି, ତାହାର କାରଣ ହେଉଛି ଉକ୍ତ ସନନ୍ଦରେ ଏକମତ ହୋଇଥିବା ରାଷ୍ଟ୍ରଗୁଡ଼ିକ (ଏହି ନଥିପତ୍ରରେ ''ଦେଶଗୁଡ଼ିକ'' ବୋଲି ଉଲ୍ଲେଖ କରାଯାଇଛି) ନିଶ୍ଚିତ ହେବେ ଯେ:

- ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମସ୍ତ ମାନବିକ ଅଧିକାର ଏବଂ ସ୍ୱାଧିନତା ଗୁଡ଼ିକ ସେମାନଙ୍କ ଦ୍ୱାରା ଉପଭୋଗ କରାଯାଉଛି, ସେଗୁଡ଼ିକୁ ପ୍ରୋତ୍ସାହିତ କରାଯାଇଛି ଏବଂ ସୁରକ୍ଷା ଦିଆଯାଉଛି ।
- ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ମର୍ଯ୍ୟାଦାକୁ ସମ୍ମାନ ଦିଆଯାଉଛି ।
- ସେହିମାନେ ହିଁ ଅକ୍ଷମତାଯୁକ୍ତ ବ୍ୟକ୍ତି ଯେଉଁମାନଙ୍କର ଦୀର୍ଘ କାଳୀନ କ୍ଷତି, ଉଦାହରଣ ସ୍ୱରୂପ, ଶାରୀରିକ, ମନସ୍ତାତ୍ତ୍ୱିକ, ସାମାଜିକ, ବୌଦ୍ଧିକ କ୍ଷୟ ଘଟିଥାଏ ଏବଂ ଯେଉଁମାନେ ବିଭିନ୍ନ କାରଣରୁ ଯଥା ମନୋଭାବ, ଭାଷା, ପବଚ୍ଛ ଅତିକ୍ରମ ଏବଂ ଆଇନ୍ କାନୁନ୍ ଯୋଗୁଁ ସମାଜରେ ଅନ୍ତର୍ଭୁକ୍ତ ହୋଇ ପାରନ୍ତି ନାହିଁ ।

**ଧାରା ୨: ସଜ୍ଞା:**

ଯୋଗାଯୋଗ (ଭାବର ଆଦାନ ପ୍ରଦାନ)

ଏହାର ଅର୍ଥ ହେଉଛି, ସମସ୍ତ ପ୍ରକାରର ଭାବର ଆଦାନ ପ୍ରଦାନ । ଯାହାଫଳରେ ସମସ୍ତ ବ୍ୟକ୍ତି ଭାବର ଆଦାନ ପ୍ରଦାନ କରିପାରିବେ । ଉଦାହଦଣ ସ୍ୱରୂପ:– କଥିତଭାଷା, ସାଙ୍କେତିକ ଭାଷା, ପାଠ୍ୟ ପୁସ୍ତକ, ବ୍ରେଲ୍ ସ୍କ୍ରିପ୍ଟ, ବଡ ଅକ୍ଷରରେ ଲେଖା, ଲିଖିତ ଶ୍ରାବ୍ୟ ସରଳଭାଷା, ଅନ୍ୟବ୍ୟକ୍ତିଦ୍ୱାରା ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଭାବର ଆଦାନ ପ୍ରଦାନ କରି ଥାଆନ୍ତି ।

**ଭାଷା:** ଏହାର ଅର୍ଥ ହେଉଚି ସମସ୍ତ ପ୍ରକାରର ଭାଷା, କଥିତଭାଷା, ସାଙ୍କେତିକ ଭାଷା ଏବଂ ଅନ୍ୟାନ୍ୟ ପ୍ରକାରର ଅଣ କଥିତ ଭାଷା ।

**ଅକ୍ଷମତା ଜନିତ ପକ୍ଷପାତିତା:–**

ଏହାର ଅର୍ଥ ହେଉଛି, ଲୋକମାନଙ୍କର ଅକ୍ଷମତା କାରଣରୁ ସେମାନଙ୍କୁ ବାଦ୍‌ଦେବା, ବାଧାଦେବା, କିମ୍ବା କୌଣସି କାମ କରିବାକୁ ପ୍ରତିରୋଧ କରିବା । ଏହା ଜୀବନର ସବୁ ଅବସ୍ଥାରେ ହୋଇପାରେ ।

ପ୍ରୟୋଜନାନୁଯାୟୀ ଯଥାର୍ଥ ଚଳଣ:–

ଏହାର ଅର୍ଥ ବ୍ୟକ୍ତିମାନେ ପରିବର୍ତ୍ତନ ସହିତ ଖାପ ଖୁଆଇ ଚଳିଥାଆନ୍ତି । ଉଦାହରଣ ସ୍ୱରୂପ, ସେମାନଙ୍କର ବାସଗୃହକିମ୍ବା କର୍ମସ୍ଥଳ ଇତ୍ୟାଦି ଯାହାଫଳରେ ସେମାନେ ନିଜର ଅଧିକାରକୁ ଉପଭୋଗ କରିବାରେ ସମର୍ଥ ହୁଅନ୍ତି । ଏହି ପରିବର୍ତ୍ତନ ଯଦି ଅତ୍ୟଧିକ ବ୍ୟୟସାପେକ୍ଷ କିମ୍ବା ଅତ୍ୟନ୍ତ କଷ୍ଟକର ହୋଇଥାଏ ତେବେ ଏହାର ପରିବର୍ତ୍ତନ କରିବା ସମ୍ଭବ ହୋଇନଥାଏ ।

**ସାର୍ବଜନୀନ ବ୍ୟବସ୍ଥା:**

ଏହାର ଅର୍ଥ– ଏପରିଭାବରେ ଜିନିଷଗୁଡ଼ିକ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାହେବ ଏବଂ ସ୍ଥାନଗୁଡ଼ିକୁ ଉପଯୋଗୀ କରଣ କରାଯିବ, ଯାହାଦ୍ୱାରା ସେଗୁଡ଼ିକ ସମସ୍ତଙ୍କଦ୍ୱାରା ବ୍ୟବହୃତ ହୋଇପାରିବ । ସମୟ ସମୟରେ ନିର୍ଦ୍ଦିଷ୍ଟ ବାଧକତାଥିବା ବ୍ୟକ୍ତି ସ୍ୱତନ୍ତ୍ର ଭାବରେ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ କରିଥାଏ ଯାହାଦ୍ୱାରା ସେ ନିଜର ଅଧିକାର ଉପଭୋଗ କରିପାରେ ।

**ଧାରା ୩: ସାଧାରଣ ନିୟମ:**

ଏହି ଚୁକ୍ତିନାମା ନିମ୍ନଲିଖିତ ଅଧିକାର ସମ୍ବନ୍ଧରେ

ସ୍ୱାକ୍ଷରିତ:

ସମ୍ମାନ ଜ୍ଞାପନ

ସ୍ଥିର କରିବାର ସାମର୍ଥ୍ୟ ।

ସ୍ୱାଧୀନତା ।

ନିରପେକ୍ଷତା ।

ଅଂଶ ଗ୍ରହଣ

ସମ୍ପୂର୍ଣ୍ଣ ଅନ୍ତର୍ନିବେଶ

ବିଭିନ୍ନତା ପ୍ରତି ସମ୍ମାନ

ଦୈନନ୍ଦିନ ଜୀବନର ଅଂଶଭାବେ ବାଧକତାକୁ ସ୍ୱୀକାର ।

ସୁଯୋଗର ସମାନତା

ପ୍ରବେଶ ଅଧିକାର

ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନତା

ପିଲାମାନଙ୍କ ପ୍ରତି ସମ୍ମାନ

**ଧାରା ୪: ସାଧାରଣ କର୍ତ୍ତବ୍ୟ:**

(୧) ବାଧକତା ସତ୍ତ୍ୱେ କୌଣସି ପ୍ରଭେଦ ନରଖି, ଦେଶଗୁଡ଼ିକ ନିଶ୍ଚିତ ହେବାପାଇଁ ପ୍ରତିଜ୍ଞାବଦ୍ଧ ଯେ, ସମସ୍ତ ମାନବିକ ଅଧିକାର ପ୍ରତ୍ୟେକଙ୍କ ପାଇଁ ପ୍ରଯୁଜ୍ୟ । ଏହି ପ୍ରତିଜ୍ଞା ପୂରଣ କରିବାପାଇଁ ସେମାନେ–

(କ) ଏହାର ନିଶ୍ଚିତ ରୂପାୟନ କରିବାପାଇଁ ଚୁକ୍ତିନାମାର ଅଧିକାରଗୁଡ଼ିକୁ ନିଜ ନିଜ ଦେଶମାନଙ୍କରେ ଆଇନ୍, ନିୟମ ଏବଂ ପ୍ରଥାରେ ପରିଣତ କରିବେ;

(ଖ) ଏଥିନିମନ୍ତେ ବିଭିନ୍ନ ପ୍ରକାରର ପଦକ୍ଷେପ ନେବେ:

**ଉଦାହରଣ ସ୍ୱରୂପ–**

ନୂତନ ଆଇନ୍ ଏବଂ ନିୟମମାନ ପ୍ରଣୟନ କରିବେ, ଆବଶ୍ୟକ ସ୍ଥଳେ ପୁରାତନ ନିୟମ ଏବଂ ଆଇନ୍‌ଗୁଡ଼ିକ ପରିବର୍ତ୍ତନ କରିବା, ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ପକ୍ଷପାତିତା ସୃଷ୍ଟି କରୁଥିବା ଆଇନ୍‌ଗୁଡ଼ିକୁ ବାଦ୍ ଦେବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ ନ କରିବା;

(ଗ) ନିଶ୍ଚିତ ହେବେ ଯେ, ସମସ୍ତ ନିୟମ ଏବଂ କାର୍ଯ୍ୟକ୍ରମରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ମାନବିକ ଅଧିକାର ଅନ୍ତର୍ଭୁକ୍ତ ହୋଇଛି ।

(ଘ) ଏହି ଚୁକ୍ତିନାମା ସପକ୍ଷରେ ଯାଉନଥିବା କୌଣସି ପଦକ୍ଷେପ ନେବେନାହିଁ, ଏବଂ ଅନ୍ୟମାନେ ଏହି ଚୁକ୍ତିନାମାକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି ବୋଲି ନିଶ୍ଚିତ ହେବେ ।

(ଙ) ବ୍ୟକ୍ତି ବିଶେଷ, ଅନୁଷ୍ଠାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ, କୌଣସି ବ୍ୟକ୍ତିର ବାଧକତା ନିମନ୍ତେ ପକ୍ଷପାତିତା କରୁଥିଲେ ତାହା ବନ୍ଦ କରିବାପାଇଁ ପଦକ୍ଷେପ ନେବେ ।

(ଚ) ଅଳ୍ପ ବ୍ୟୟରେ ବିଶ୍ୱର ସମସ୍ତ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ବ୍ୟବହାର ଉପଯୋଗୀ ପଦାର୍ଥ, ସେବାକାର୍ଯ୍ୟ, ଉପକରଣ ଏବଂ ସୁବିଧା ସୁଯୋଗ ଉପରେ କାର୍ଯ୍ୟ କରିବେ ଏବଂ ସେଥିନିମନ୍ତେ ଉତ୍ସାହିତ କରିବେ ।

(ଛ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ଜୀବନର ସମସ୍ତ କ୍ଷେତ୍ରରେ ବ୍ୟବହାରରେ ଆସୁଥିବା ସ୍ୱଳ୍ପ ମୂଲ୍ୟରେ ନୂତନ ପ୍ରଯୁକ୍ତି ବିଜ୍ଞାନ ସମ୍ବନ୍ଧରେ କାର୍ଯ୍ୟ କରିବେ ଏବଂ ଉତ୍ସାହିତ କରିବେ ।

(ଜ) ପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ଏବଂ ଅନ୍ୟାନ୍ୟ ପ୍ରକାରର ସାହାଯ୍ୟ ସମେତ ସମସ୍ତ ପ୍ରକାରର ସହାୟତା ଜନିତ ତଥ୍ୟ ଏପରିଭାବରେ ପ୍ରଦାନ କରିବେ, ଯେପରିକି ସେଗୁଡ଼ିକ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ବୋଧଗମ୍ୟ ହୋଇପାରିବ । ଯଥା– ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ଏହି ଚୁକ୍ତିନାମାରେ ଥିବା ଅଧିକାର ଗୁଡ଼ିକ ସମ୍ବନ୍ଧରେ ତାଲିମ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା, ଯାହାଫଳରେ ସେମାନେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ସହିତ ଅଧିକ ଭଲ ଭାବରେ କାମ କରିପାରିବେ ।

୨. ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରଗୁଡ଼ିକ ସମ୍ପର୍କରେ ରାଷ୍ଟ୍ରଗୁଡ଼ିକ ନିଜସ୍ୱ ଆଇନ୍ ଏବଂ ନିୟମ ନିଜର ଆର୍ଥିକ ସମ୍ବଳକୁ ଚାହିଁ ପ୍ରଣୟନ କରିବେ । ଯଦି ପ୍ରୟୋଜନ ହୁଏ ସେମାନେ ଅନ୍ୟ ଦେଶମାନଙ୍କ ସହିତ ମିଳିତ ଭାବରେ ସହଯୋଗକରି ଏହି ଅଧିକାରଗୁଡ଼ିକୁ ପାଳନ କରିବେ । ଅନ୍ୟ ଅଧିକାର ଗୁଡ଼ିକୁ ମଧ୍ୟ ସଙ୍ଗେ ସଙ୍ଗେ ପାଳନ କରିବା ଉଚିତ ।

୩. ଏହି ଚୁକ୍ତିନାମା ସମ୍ପର୍କରେ ଆଇନ୍ ଏବଂ ନିୟମ ପ୍ରଣୟନ କରିବାନିମନ୍ତେ ଅକ୍ଷମତାଯୁକ୍ତ ବ୍ୟକ୍ତି ଏବଂ ପିଲାମାନଙ୍କୁ ସେମାନଙ୍କ ସଂସ୍ଥା ମାଧ୍ୟମରେ ସଂପୃକ୍ତ କରାଇବେ ।

୪. ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ଅଧିକାର ନିମନ୍ତେ ହୋଇଥିବା ଉନ୍ନତ ଆଇନ୍ ବା ନିୟମରେ ଏହି ଚୁକ୍ତିନାମା କୌଣସି ପ୍ରକାରରେ ପ୍ରତିବନ୍ଧକ ହେବନାହିଁ । ପୂର୍ବରୁ ଏହି ଧରଣର ମାନବିକ ଅଧିକାର ଗୁଡ଼ିକ ଯଦି ଥାଏ ତାହାକୁ ବାହାନା କରି ଦେଶଗୁଡ଼ିକ ଏହି ଚୁକ୍ତିନାମାକୁପ୍ରଣୟନ କରିବାରୁ ବିରତ ହୋଇପାରିବେ ନାହିଁ ।

୫. ଏହିଚୁକ୍ତିନାମା ସାମଗ୍ରିକଭାବେ ସାରା ଦେଶପାଇଁ ପ୍ରଯୁଜ୍ୟ ।

**ଧାରା ୫: ସମାନତା ଏବଂ ନିରପେକ୍ଷତା:**

୧. ରାଷ୍ଟ୍ରଗୁଡ଼ିକ ଏକମତ ଯେ, ଅକ୍ଷମତାଯୁକ୍ତବ୍ୟକ୍ତିମାନେ ଆଇନ୍ ଦୃଷ୍ଟିରୁ ସମସ୍ତେ ସମାନଏବଂ ସେମାନଙ୍କୁ ଆଇନ୍ ଦ୍ୱାରା ପକ୍ଷପାତିତାରୁ ସୁରକ୍ଷା ପ୍ରଦାନ କରାଯାଏ ।

୨. ରାଷ୍ଟ୍ରଗୁଡ଼ିକ ମଧ୍ୟ ସହମତ ଯେ, ଅକ୍ଷମତା କାରଣ ଯୋଗୁଁ ପକ୍ଷପାତିତାକୁ ଅନୁମତି ଦିଆଯିବ ନାହିଁ ଏବଂ ଯଦି ଏହି ଧରଣର ପକ୍ଷପାତିତା ପରିଲକ୍ଷିତ ହୁଏ ତେବେ ସେଥିରୁ ସେମାନଙ୍କୁ ସୁରକ୍ଷା ପ୍ରଦାନକରାଯିବ ।

୩. ଯଦି ଅକ୍ଷମତାଯୁକ୍ତ କୌଣସି ବ୍ୟକ୍ତି ନିଜର ଅଧିକାର ଉପଭୋଗ କରିବାପାଇଁ ନିଜ ପରିବେଶର ପରିବର୍ତ୍ତନ ଆବଶ୍ୟକ କରୁଥାଆନ୍ତି ସେହିପରିବର୍ତ୍ତନଗୁଡ଼ିକ କରାଯିବ ଏବଂ ଏଥିନିମନ୍ତେ ନିଶ୍ଚିତ ହେବାପାଇଁ ରାଷ୍ଟ୍ରଗୁଡ଼ିକ ପଦକ୍ଷେପନେବେ ।

୪. ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ସମାନ ହେବାପାଇଁ ଆବଶ୍ୟକରୁଥିବା ପଦକ୍ଷେପ କିମ୍ବା ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଅନୁମତି ଦିଆଯିବ, ଏହି ଧରଣର ସ୍ୱତନ୍ତ୍ର କାର୍ଯ୍ୟ ଅକ୍ଷମତା ବିହୀନ/(ସାଧାରଣ) ବ୍ୟକ୍ତିଙ୍କକ୍ଷେତ୍ରରେ ପକ୍ଷପାତିତା ବୋଲି ବିବେଚନା କରାଯିବ ନାହିଁ ।

**ଧାରା ୬ ଅକ୍ଷମତାଯୁକ୍ତମହିଳା:**

୧. ରାଷ୍ଟ୍ରଗୁଡ଼ିକ ସହମତ ଯେ :

ଅକ୍ଷମତାଯୁକ୍ତମହିଳା ଏବଂ ବାଳିକାମାନେ ସମସ୍ତ ପ୍ରକାର ପକ୍ଷପାତିତାର ସମ୍ମୁଖୀନହୋଇ ଥାଆନ୍ତି । ବାଳିକା ଏବଂ ମହିଳାମାନେ ଯେପରି ସମ୍ପୂର୍ଣ୍ଣ ଏବଂ ସମାନଭାବେମାନବିକ ଅଧିକାର ଏବଂ ସ୍ୱାଧୀନତା ଉପଭୋଗ କରିପାରିବେ ସେହି ବିଷୟରେ ରାଷ୍ଟ୍ରଗୁଡ଼ିକ ନିଶ୍ଚିତହେବେ ।

୨. ମହିଳାମାନଙ୍କର ଉନ୍ନତି ଏବଂ ସଶକ୍ତିକରଣରେ ସହାୟତା ନିମନ୍ତେ ସେମାନେ ପଦକ୍ଷେପ ନେବେ ଏବଂ ଅକ୍ଷମତାଯୁକ୍ତ ମହିଳାମାନେ ଯେପରି ସେମାନଙ୍କର ଅଧିକାର ଗୁଡ଼ିକୁ ଉପଭୋଗ କରିପାରିବେ ସେଥିନିମନ୍ତେ ସେମାନେ ଅଙ୍ଗୀକାରବଦ୍ଧ ହେବ ।

**ଧାରା ୭ : ଅକ୍ଷମତାଯୁକ୍ତ ଶିଶୁ:**

ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେଯେ:

୧. ଅକ୍ଷମତାଯୁକ୍ତ ଶିଶୁମାନଙ୍କର ଅନ୍ୟ ପିଲାମାନଙ୍କ ପରି ସମାନ ଅଧିକାର ରହିଛି

୨. ଶିଶୁମାନଙ୍କ ନିମନ୍ତେ ଯେ କୌଣସି କାର୍ଯ୍ୟ କରିବା ସମୟରେ ସର୍ବୋତ୍ତମତାକୁ ଅଗ୍ରାଧିକାର ଦେବେ ।

୩. ଅକ୍ଷମତାଯୁକ୍ତ ଶିଶୁମାନଙ୍କର ନିଜସ୍ୱମତ ପ୍ରଦାନ କରିବାର ଅଧିକାର ଅଛି ଏବଂସେମାନଙ୍କର ମତାମତକୁ ଗୁରୁତ୍ୱ ଦିଆଯାଉଛି । ପୁନଶ୍ଚ, ଏହି ମତ ପ୍ରଦାନ ନିମନ୍ତେ ଅକ୍ଷମତାଯୁକ୍ତ ପିଲାମାନେ ଆବଶ୍ୟକ କରୁଥିବା ସାହାଯ୍ୟ ସେମାନଙ୍କୁ ଦିଆଯାଉଛି ବୋଲି ସେମାନେ ନିଶ୍ଚିତ ହେବେ ।

**ଧାରା ୮ :ସଚେତନତା କାର୍ଯ୍ୟକ୍ରମ:**

୧. ରାଷ୍ଟ୍ରଗୁଡ଼ିକ ସହମତ ଯେ, ଅବିଳମ୍ବେ ସେମାନେ –

(କ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ବନ୍ଧରେ ପରିବାର ବର୍ଗ ତଥା ସମାଜର ସମସ୍ତ ବ୍ୟକ୍ତିଙ୍କୁ ଅଧିକ ସଚେତନ କରିବେ । ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ଏବଂ ମର୍ଯ୍ୟାଦାକୁ ଯେପରି ସମ୍ମାନିତ କରାଯିବ ସେଥିନିମନ୍ତେ ନିଶ୍ଚିତ ହେବାପାଇଁ ସେମାନେ ପଦକ୍ଷେପ ନେବେ ।

(ଖ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ପ୍ରଚଳିତ ପରମ୍ପରାଗତ ଧାରଣା ଏବଂ ଭ୍ରାନ୍ତ ଧାରଣାଗୁଡ଼ିକ ବିରୁଦ୍ଧରେ ପ୍ରତିରୋଧ କରିବା । ଗତାନୁଗତିକ ଧାରଣାଗୁଡ଼ିକ ସାଧାରଣ ଅଟେ ଏବଂ ଅନେକ ଭ୍ରାନ୍ତ ବିଶ୍ୱାସ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ରହିଅଛି । ଏହି ବିଶ୍ୱାସଗୁଡ଼ିକ ସବୁ ସମୟରେ ଅନିଷ୍ଟକାରକ ଯାହାକି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପକ୍ଷପାତିତା ସୃଷ୍ଟିକରିଥାଏ।

(ଗ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସାମର୍ଥ୍ୟଏବଂ ସେମାନେ ଦେଶର ସମୃଦ୍ଧିରେ କିପରି ସାହାଯ୍ୟ କରିପାରିବେ ସେ ବିଷୟରେ ସମାଜକୁ ସଚେତନ କରିବାରେ ସାହାଯ୍ୟ କରିବେ ।

**୨. ରାଷ୍ଟ୍ରଗୁଡ଼ିକ ମଧ୍ୟ**

(କ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ସମ୍ବନ୍ଧରେ ସର୍ବସାଧାରଣ ଏଇ ଅଭିଯାନ ଆରମ୍ଭ କରିବେ :

୧. ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅନ୍ୟ ସମସ୍ତ ବ୍ୟକ୍ତିମାନଙ୍କପରି ସମାନ ଅଧିକାର ଅଛି ବୋଲି ଦର୍ଶାଇବେ ।

୨.	ସମାଜରେ ବାଧକତାକୁ ଦୃଷ୍ଟି ଗୋଚରକୁ ଆଣିବେ ଏବଂ ବାଧକତା ସମ୍ବନ୍ଧରେ ଥିବା ଭ୍ରାନ୍ତ ଧାରଣାକୁ ପରିବର୍ତ୍ତନ କରିବେ ।

୩.	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ କର୍ମ କ୍ଷେତ୍ରରେ କିପରି ସାହାଯ୍ୟ କରିପାରିବେ ତାହା ପ୍ରଦର୍ଶନ କରିବେ ।

(ଖ)	ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାରକୁ ସମ୍ମାନ ଦେବା ନିମନ୍ତେ ଶିକ୍ଷା ଦିଆଯାଉଛି ବୋଲି ସେମାନେ ସୁନିଶ୍ଚିତ ହେବେ ।

(ଗ)	ବାର୍ତ୍ତା ବାହକ ସଂସ୍ଥା ସମୂହ (ଯଥା-ରେଡ଼ିଓ, ଟେଲିଭିଜନ, ଖବରକାଗଜ ଏବଂ ପତ୍ରିକା ଇତ୍ୟାଦି)

ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସାମର୍ଥ୍ୟକୁ ପ୍ରଚାରକରିବା ନିମନ୍ତେ ଉତ୍ସାହିତ କରିବେ ଯାହାଦ୍ୱାରାଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ସାବ୍ୟସ୍ତ ହୋଇପାରିବ ।

(ଘ)	ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରାଇବେ ଯାହା ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବାରେ ସାହାଯ୍ୟ କରିବ ।

**ଧାରା ୯: ପ୍ରବେଶ ଅଧିକାର :**

୧.	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ଥିବା କୋଠାବାଡ଼ିରେ, ଘର ବାହାରେ ଥିବା ସ୍ଥାନରେ, ଯାନ ବାହନରେ, ତଥ୍ୟ ସଂଗ୍ରହ କରିବାରେ, ଗମନା ଗମନରେ ଏବଂ କର୍ମ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରାଷ୍ଟ୍ରମାନେ ସମ୍ମୁଖୀନ ହୋଇଥାନ୍ତି, ସେଗୁଡ଼ିକୁ ରାଷ୍ଟ୍ରମାନେ ଦୂର କରିବେ, ଏହି ଉପାୟରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସାରାଜୀବନ ସ୍ୱାଧୀନଭାବରେ ବଞ୍ଚିପାରିବେ । ଏଥିନିମନ୍ତେ ସେମାନେ ଆଇନ୍ ପ୍ରଣୟନ କରିବେ ଏବଂ ବିଶେଷତଃ ନିମ୍ନୋକ୍ତ ସ୍ଥାନମାନଙ୍କରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବେ ।

(କ)	କୋଠାବାଡ଼ି, ରାସ୍ତାଘାଟ, ଗମନା ଗମନ, ଅନ୍ତଃ ଏବଂ ବାହ୍ୟ କ୍ଷେତ୍ରରେ ଯଥା:- ବିଦ୍ୟାଳୟ, ଡ଼ାକ୍ତରଖାନା, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କାର୍ଯ୍ୟସ୍ଥଳ,

(ଖ)	ତଥ୍ୟ ସଂଗ୍ରହ, ଭାବ ବିନିମୟ ଏବଂ ଅନ୍ୟାନ୍ୟ ବିଷୟ ଯଥା:- ଇଲେକ୍‌ଟ୍ରୋନିକ ସେବା ଏବଂ ଆପଦକାଳୀନ ସେବା

୨.	ରାଷ୍ଟ୍ରଗୁଡ଼ିକ ମଧ୍ୟ ନିମ୍ନୋକ୍ତ ବିଷୟଗୁଡ଼ିକରେ ପଦକ୍ଷେପ ନେବେ ।

(କ)	ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଏବଂ ସେବାକାର୍ଯ୍ୟନିମନ୍ତେ ଯେପରି ସର୍ବନିମ୍ନ ପ୍ରବେଶ ଅଧିକାର ମିଳିପାରିବ ସେଥିନିମନ୍ତେ ସେମାନେ କାର୍ଯ୍ୟକରିବେ, ସ୍ଥାନ ନିରୂପଣକରିବେ ଏବଂ ତା'ର ତତ୍ତ୍ୱାବଧାନ କରିବେ ।

(ଖ)	ସର୍ବସାଧାରଣଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ଘରୋଇ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଅନୁଷ୍ଠାନ ଗୁଡ଼ିକରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଯେପରି ସହଜରେ ପ୍ରବେଶକରିପାରୁଥିବେ ସେଥିପ୍ରତି ନିଶ୍ଚିତ ହେବେ ।

(ଗ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ପ୍ରବେଶଅଧିକାର ସମସ୍ୟା ସମ୍ବନ୍ଧରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସେ ବିଷୟରେ ପ୍ରଶିକ୍ଷଣ ଦେବେ ।

(ଘ)	ସର୍ବସାଧାରଣ ନିମନ୍ତେ ଉଦ୍ଦିଷ୍ଟ ଗୃହରେ ବିଭିନ୍ନ ଲିପି, ସହଜରେ ପଢ଼ି ହେଉଥିବା ସହଜ ବୋଧଗମ୍ୟ ପାଇଁ ସୂଚନା ଦେବେ ଏବଂ ବ୍ରେଲ ଲିପିର ମଧ୍ୟ ବ୍ୟବହାର କରିବେ ।

(ଙ)	ସର୍ବସାଧାରଣଙ୍କପାଇଁ ଉଦ୍ଦିଷ୍ଟ ପ୍ରାସାଦରେ ସହାୟକ ସେବା ଯଥା- ପାଠକସେବା, ସାଙ୍କେତିକ ଭାଷା, ଅନୁବାଦକ, ଗାଇଡ଼ର ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବେ, ଯାହାଫଳରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ମଧ୍ୟ ସେଠାରେ ସହଜରେ ପ୍ରବେଶ କରିପାରିବେ ।

(ଚ) ଆବଶ୍ୟକ ଅନୁଯାୟୀ ସାହାଯ୍ୟ ଯୋଗାଇଦେବା ପାଇଁ ପଦକ୍ଷେପ ନେବେ ଯାହାଫଳରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ମଧ୍ୟ ସୂଚନା ପାଇ ପାରିବେ । ଯଥା- ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ପାଇଁ ନୂତନ ପ୍ରଯୁକ୍ତି ବିଜ୍ଞାନର ଉନ୍ନତି ।

(ଛ) ଯଦି କୌଣସି ନୂତନ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନିଆଯାଏ, ତେବେ ସେଥିରେ ସେମାନଙ୍କ ନିମନ୍ତେ ପ୍ରବେଶ କରିବାର ଅଧିକାର ପ୍ରାରମ୍ଭରୁ କରାଯିବା ଆବଶ୍ୟକ । ଏହାଦ୍ୱାରା କମ୍ ଖର୍ଚ୍ଚରେ ତାହା କରାଯାଇ ପାରିବ ।

**ଧାରା ୧୦: ବଞ୍ଚିବାର ଅଧିକାର :**

ରାଷ୍ଟ୍ରଗୁଡ଼ିକ ସହମତ ଯେ,ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ବଞ୍ଚିବାର ଅଧିକାର ରହିଛି ଏବଂ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଯେପରି ଏହି ଅଧିକାରକୁ ବ୍ୟବହାର କରିପାରିବେ, ସେଥିନିମନ୍ତେ ସେମାନେ ପଦକ୍ଷେପ ନେବେ ।

**ଧାରା ୧୧: ବିପଦ ପରିସ୍ଥିତି ଏବଂ ମାନବିକ ଜରୁରୀ ପରିସ୍ଥିତି:**

ରାଷ୍ଟ୍ରଗୁଡ଼ିକ ଏକମତ ଯେ, ସେମାନେ ଯୁଦ୍ଧ ଏବଂ ମାନବିକ ଅଧିକାର ସମ୍ବନ୍ଧରେ ଯେଉଁସବୁ ଚୁକ୍ତିନାମା କରିଛନ୍ତି, ସେମାନେ ସେଗୁଡ଼ିକୁ ସମ୍ମାନ ଦେଖାଇବେ ।

ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ବିପଦ କାଳୀନ ପରିସ୍ଥିତିରେ ସେମାନେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିଶ୍ଚିତ ଭାବରେ ସୁରକ୍ଷା ଯୋଗାଇଦେବା ନିମନ୍ତେ ପଦକ୍ଷେପ ନେବେ ।

**ଧାରା ୧୨: ଆଇନ ଦୃଷ୍ଟିରୁ ଜଣେ ବ୍ୟକ୍ତି ହିସାବରେ ସମ୍ମାନ ପାଇବା ନିମନ୍ତେ ସ୍ୱୀକୃତି:**

୧. ରାଷ୍ଟ୍ରଗୁଡ଼ିକ : (କେହି କେହି ସହମତ ଯେ, ଆଇନ୍ ଆଖିରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସାଧାରଣ ବ୍ୟକ୍ତିମାନଙ୍କ ପରି ସ୍ୱୀକୃତି ପାଇବାର ଅଧିକାର ଅଛି ।)

୨. ଏକମତ ହୋଇଛନ୍ତି ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସେମାନଙ୍କ ଜୀବନର ଭିନ୍ନଭିନ୍ନ ଅବସ୍ଥାରେ ସାଧାରଣ ଲୋକଙ୍କଭଳି ଆଇନ୍ ଉପଭୋଗ କରିବା ନିମନ୍ତେ ସମର୍ଥ ହେବେ ।

୩. କାର୍ଯ୍ୟପନ୍ଥା ଗ୍ରହଣ କରି ନିଶ୍ଚିତ ହେବେ ଯେ, ଆବଶ୍ୟକସ୍ଥଳେ ଆଇନ୍ ସମ୍ବନ୍ଧୀୟ କାର୍ଯ୍ୟରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସହାୟତା ପାଇ ପାରିବେ ଏବଂ ତାହାକୁ ବ୍ୟବହାର କରିପାରିବେ ।

୪. ଏକମତ ଯେ, ଆଇନ୍ ଏବଂ ଆର୍ଥିକ କ୍ଷେତ୍ରରେ ଯଦି ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସହାୟତା ଆବଶ୍ୟକ କରନ୍ତି, ତେବେ-

- ସେମାନେ ଯେପରି ଅପମାନିତ/ତିରସ୍କୃତ ନ ହୁଅନ୍ତି ସେଥି ନିମନ୍ତେ ସେମାନଙ୍କୁ ସୁରକ୍ଷା ଦେବା ।
- ସେମାନଙ୍କର ଅଧିକାର ଏବଂ ଅଭିରୁଚିକୁ ସମ୍ମାନ ଦେବା ।
- ଅକ୍ଷମତାଯୁକ୍ତ ବ୍ୟକ୍ତି କୌଣସି ବିଷୟରେ ନିଷ୍ପତ୍ତି ନେବା ସମୟରେ ତାଙ୍କୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତି କୌଣସି ପ୍ରଭାବ ପକାଇବେ ନାହିଁ ।
- ସେମାନେ ଆବଶ୍ୟକ କରୁଥିବା ସାହାଯ୍ୟ ଯେଉଁ ସମୟ ପାଇଁ ଦରକାର ଏବଂ ଯେତେ ପରିମାଣରେ ଦରକାର ତାହା ପାଇ ପାରୁଛନ୍ତି ।
- ସେମାନେ ଯେଉଁ ସହଯୋଗ ପାଉଛନ୍ତି ତାହାକୁ ଅଦାଲତ ସମୀକ୍ଷା କରିବେ ।

ଏକମତ ଏବଂ ସେମାନେ ନିଶ୍ଚିତ ହେବେ ଯେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମ୍ପତ୍ତି ନିଜର କରିବାର ଏବଂ ପାଇବାର ଅଧିକାର ଅଛି । ନିଜର ଅର୍ଥ ଏବଂ ଅନ୍ୟାନ୍ୟ ଆର୍ଥିକ ବିଷୟ ନିୟନ୍ତ୍ରଣ କରିବାରେ ସେମାନଙ୍କର ଅଧିକାରେ ରହିଛି ।

ଅନ୍ୟ ବ୍ୟକ୍ତିମାନଙ୍କ ପରି ବ୍ୟାଙ୍କରୁ କରଜ ପାଇବାରେ ବନ୍ଧକ ଦେବାରେ ଏବଂ ଉଧାର ଆଣିବାରେ ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ କରାଯାଇ ପାରିବ ନାହିଁ ।

**ଧାରା ୧୩: ନ୍ୟାୟ କ୍ଷେତ୍ରରେ ପ୍ରବେଶ:**

୧. ଅନ୍ୟ ବ୍ୟକ୍ତିମାନଙ୍କ ପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ନିଜ ଦେଶର ନ୍ୟାୟ ବ୍ୟବସ୍ଥାରେ ପ୍ରବେଶ ଅଧିକାର ରହିଛି ବୋଲି ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ।

ସେମାନେ ନିଶ୍ଚିତ ହେବେ ଯେ, ଯେଉଁ ପଦ୍ଧତିରେ କାର୍ଯ୍ୟ କରାଯିବ ସେ ସମ୍ବନ୍ଧରେ ନିୟମ ପ୍ରଣୟନ କରାଯିବ । ତା' ଫଳରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଆଇନ୍ ପ୍ରକ୍ରିୟାର ସମସ୍ତ ସ୍ତରରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିପାରିବେ । ଉଦାହରଣ ସ୍ୱରୂପ, ଜଣେ ସାକ୍ଷୀ ହେବା ।

୨. ରାଷ୍ଟ୍ରଗୁଡ଼ିକ ନ୍ୟାୟ ପ୍ରକ୍ରିୟାରେ କାର୍ଯ୍ୟକରୁଥିବା ବ୍ୟକ୍ତିମାନଙ୍କୁ ତାଲିମ ପ୍ରଦାନ କରିବେ ବା ପ୍ରଶିକ୍ଷଣ ଦେବେ, ଯଥା- ପୋଲିସ୍ ଏବଂ କାରାଗାର କର୍ମଚାରୀ ।

**ଧାରା ୧୪: ଦାସତ୍ୱ ବନ୍ଧନରୁମୁକ୍ତି ଏବଂ ନିରାପତ୍ତା:**

୧. **ରାଷ୍ଟ୍ରଗୁଡ଼ିକ:**

(କ) ନିଶ୍ଚିତ ହେବେ ଯେ, ଅନ୍ୟ ବ୍ୟକ୍ତିମାନଙ୍କ ପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମାନ ସ୍ୱାଧୀନତା ଏବଂ ନିରାପତ୍ତାର ଅଧିକାର ଅଛି ।

(ଖ) ନିଶ୍ଚିତ ହେବେ ଯେ, ବିନାକାରଣରେ ଯେପରିକି ସେମାନଙ୍କର ବାଧକତା ରହିଛି କିମ୍ବା ଏହା ଆଇନ୍‌ର ବିରୁଦ୍ଧାଚରଣକରୁଛି ବୋଲି ଦର୍ଶାଇ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯିବ ନାହିଁ ।

୨. ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ଜଣକୁ ସ୍ୱାଧୀନତାର ଅଧିକାରରୁ ବଞ୍ଚିତ କରାଯିବନାହିଁ । ତେବେ ତାହାକୁ ଆଇନ୍‌ଦ୍ୱାରା ସୁରକ୍ଷା ଦିଆଯିବ । ଯଦି କୌଣସିବ୍ୟକ୍ତି ନିଜର ମାନବିକ ଅଧିକାରକୁ ଉପଭୋଗ କରିବା ପାଇଁ କୌଣସି ପରିବର୍ତ୍ତନ ଆବଶ୍ୟକ କରନ୍ତି ସେହି ବ୍ୟକ୍ତିର ପରିବେଶକୁ ପରିବର୍ତ୍ତନ କରିବା ଦିଗରେ ସେମାନେ ନିଶ୍ଚିତ ହେବେ ।

**ଧାରା ୧୫: ଅତ୍ୟାଚାରରୁ ଅଥବା ନିଷ୍ଠୁର, ଅମାନୁଷିକ କିମ୍ବା ଅପମାନ ଜନକ ବ୍ୟବହାର ବା ଦଣ୍ଡରୁ ମୁକ୍ତି ।**

୧) କୌଣସି ବ୍ୟକ୍ତିପ୍ରତି ଅତ୍ୟାଚାର କରାଯିବ ନାହିଁ କିମ୍ବା ନିଷ୍ଠୁର, ଅମାନୁଷିକ କିମ୍ବା ଅପମାନ ସୂଚକ ବ୍ୟବହାର ଅଥବା ଦଣ୍ଡ ଦିଆଯାଇ ପାରିବ ନାହିଁ । କାହାରିକୁ ଚିକିତ୍ସା କିମ୍ବା ବୈଜ୍ଞାନିକ ପରୀକ୍ଷା ନିମନ୍ତେ ଅଂଶ ଗ୍ରହଣ କରିବାପାଇଁ ବାଧ କରାଯାଇ ପାରିବ ନାହିଁ ।

୨) ରାଷ୍ଟ୍ରଗୁଡ଼ିକ ଏକମତ ଯେ, ଆଇନ ପ୍ରଣୟନ ଏବଂ ଅନ୍ୟାନ୍ୟ ପଦକ୍ଷେପ ଦ୍ୱାରା ଅକ୍ଷମତା ଯୁକ୍ତବ୍ୟକ୍ତିମାନଙ୍କୁ ଠିକ୍ ଅନ୍ୟମାନଙ୍କ ପରି ଅତ୍ୟାଚାରରୁ ସୁରକ୍ଷା ଦେବେ ।

**ଧାରା ୧୬ : ଶୋଷଣ, ହିଂସ୍ର ଆଚରଣ ଏବଂ କ୍ରୂର ବ୍ୟବହାରରୁ ମୁକ୍ତି ।**

ରାଷ୍ଟ୍ରଗୁଡ଼ିକ :

୧) ଆଇନ୍ ପ୍ରଣୟନ କରି ଏବଂ ଅନ୍ୟାନ୍ୟ ପଦକ୍ଷେପ ନେଇ ନିଶ୍ଚିତ ହେବେ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଘରେ ଏବଂ ବାହାରେ ଶୋଷଣର ଶିକାର କିମ୍ବା ଅପମାନିତ ହେଉନାହାନ୍ତି ।

୨) ସାହାଯ୍ୟ କରିବା ଏବଂ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ଦ୍ୱାରା ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ଶୋଷଣମୁକ୍ତ କରିବାପାଇଁ ପଦକ୍ଷେପ ନେବେ ଏବଂ ନିଶ୍ଚିତ ହେବେଯେ, ଅକ୍ଷମତାଯୁକ୍ତ ବ୍ୟକ୍ତି ଏବଂ ସେମାନଙ୍କର ପରିବାର ବର୍ଗ କ୍ରୁର ବ୍ୟବହାରରୁ ସୁରକ୍ଷିତ ।

୩) ନିଶ୍ଚିତ ହେବେ ଯେ, ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ସେବା ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ପ୍ରତି ନିୟମିତ ଭାବରେ ଧ୍ୟାନ ଦେବେ, ଯେପରି କିକୌଣସି ପ୍ରକାରର ହିଂସ୍ର ଆଚରଣ ବା କ୍ରୁର ବ୍ୟବହାର କରାଯାଉ ନାହିଁ ।

୪) ଅକ୍ଷମତାଯୁକ୍ତ ବ୍ୟକ୍ତି ଯଦି ହିଂସା ଏବଂ କ୍ରୁର ବ୍ୟବହାରର ଶିକାର ହୋଇଥାଆନ୍ତି, ତେବେ ସେମାନଙ୍କର ସୁସ୍ଥତା ପାଇଁ ଏବଂ ସମାଜରେ ଏକୀଭୂତ ହେବାପାଇଁ ସହାୟତା କରିବେ ।

୫) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ନିଷ୍ଠୁ ର ଏବଂ ଅପମାନ ଜନକ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ତଦନ୍ତ କରିବେ ଏବଂ ଦଣ୍ଡ ବିଧନ କରିବା ନିମନ୍ତେ ଆଇନ୍ ଓ ନିୟମ ପ୍ରଣୟନ କରିବେ । ଏହି ଆଇନ୍ ଏବଂ ନିୟମ ଗୁଡ଼ିକରେ ମହିଳା ଏବଂ ଶିଶୁ ମାନଙ୍କର ଆବଶ୍ୟକତା ସ୍ଥାନିତ ହେବ ବୋଲି ନିଶ୍ଚିତ ହେବେ ।

**ଧାରା ୧୭: ପୂର୍ଣ୍ଣତା/ ଅଖଣ୍ଡତାର ସୁରକ୍ଷା:**

ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଶାରୀରିକ ଓ ମାନସିକ ଅଖଣ୍ଡତା ନିମନ୍ତେ ଅନ୍ୟମାନଙ୍କ ପରି ସମ୍ମାନ ପାଇବାର ଅଧିକାର ଅଛି ।

**ଧାରା ୧୮: ସ୍ଥାନ ପରିବର୍ତ୍ତନରେ ସ୍ୱାଧୀନତା ଓ ଜାତୀୟତା :**

୧) ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି ଯେ ଅନ୍ୟମାନଙ୍କ ଭଳି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ନିଜ ଦେଶରେ କିମ୍ବା ଦେଶଦେଶ ମଧ୍ୟରେ ଯାତାୟତ କରିବାର ସମାନ ଅଧିକାର ଅଛି । ଅନ୍ୟ ବ୍ୟକ୍ତିମାନଙ୍କପରି ସେମାନେ ନିଜେ ସ୍ଥିର କରିଥିବା ସ୍ଥାନରେ ବାସ କରିବେ ଏବଂ ଅନ୍ୟମାନଙ୍କ ପରି ସେମାନଙ୍କର ମଧ୍ୟ ଜାତୀୟତା ରହିବ । ସେମାନେ ନିଶ୍ଚିତ ହେବେଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ:କୌଣସି ଜାତୀୟତା ଗ୍ରହଣ କରିବା ଏବଂ ନିଜର ଜାତୀୟତା ପରିବର୍ତ୍ତନ କରିବାରେ ସେମାନଙ୍କର ଅଧିକାର ଅଛି । ସେମାନଙ୍କ ଅକ୍ଷମତା ଯୋଗୁଁ ଅଥବା ବିନା କାରଣରେ ସେମାନଙ୍କର ଜାତୀୟତାକୁ କୌଣସି ବ୍ୟକ୍ତିଅପସାରଣ କରିପାରିବେ ନାହିଁ ।

୨) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ନିଷ୍ଠୁର ଏବଂ ଅପମାନଜନକ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ତଦନ୍ତ କରିବେ ଏବଂ ଦଣ୍ଡ ବିଧାନ କରିବା ନିମାନ୍ତେ ଆଇନ୍ ଓନିୟମ ପ୍ରଣୟନ କରିବେ । ଏହି ଆଇନ୍ ଏବଂ ନିୟମ ଗୁଡ଼ିକରେ ମହିଳା ଏବଂ ଶିଶୁମାନଙ୍କର ଆବଶ୍ୟକତା ସ୍ଥାନିତ ହେବ ।

**ଧାରା ୧୭: ପୂର୍ଣ୍ଣତା / ଅଖଣ୍ଡତାର ସୁରକ୍ଷା:**

ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଶାରୀରିକ ଓ ମାନସିକ ଅଖଣ୍ଡତା ନିମନ୍ତେ ଅନ୍ୟମାନଙ୍କ ପରି ସମ୍ମାନ ପାଇବାର ଅଧିକାର ଅଛି । ସେମାନଙ୍କର ଅକ୍ଷମତା କାରଣରୁ କିମ୍ବା କୌଣସି କାରଣନଥାଇ ସେମାନଙ୍କର ପାସ୍‌ପୋର୍ଟ/ ବିଦେଶ ଗମନପାଇଁ ସରକାରୀ ଆଦେଶପତ୍ର, କିମ୍ବା ଜାତୀୟତା ଚିହ୍ନଟ ପତ୍ର କେହି ଅପସାରଣ କରିପାରିବେ ନାହିଁ ।

ଅନ୍ୟ ରାଷ୍ଟ୍ର ଭ୍ରମଣଉଦ୍ଦେଶ୍ୟରେ ଚେଷ୍ଟା କରିବା ପାଇଁ ସେମାନଙ୍କୁ ଅନୁମତି ପ୍ରଦାନ କରାଯିବ ।

(ଗ) ସେମାନେ ନିଜ ଦେଶ ଅଥବା ଅନ୍ୟଦେଶ ସ୍ୱାଧୀନଭାବରେ ପରିତ୍ୟାଗ କରିପାରିବେ ।

(ଘ) ସେମାନଙ୍କର ଅକ୍ଷମତା ହେତୁ କିମ୍ବା ବିନା କାରଣରେ ସେମାନଙ୍କୁ ନିଜ ରାଷ୍ଟ୍ରରେ ପ୍ରବେଶ କରିବା ପାଇଁ କେହି ବାଧା ଦେଇ ପାରିବେ ନାହିଁ ।

୨) ଜନ୍ମ ହେବା ସଙ୍ଗେ ସଙ୍ଗେ ଅକ୍ଷମତାଯୁକ୍ତଶିଶୁମାନଙ୍କର ନାମ ପଞ୍ଜିକରଣ କରାଯିବ । ସେମାନଙ୍କର ନାମକରଣ ଏବଂ ଜାତୀୟତା ହେବାର ଅଧିକାର ଅଛି ଏବଂ ଯଥାସମ୍ଭବ ନିଜର ପିତାମାତାଙ୍କ ଦ୍ୱାରା ଲାଳନ ପାଳନ ହେବାର ଅଧିକାର ସେମାନଙ୍କର ରହିଛି ।

**ଧାରା ୧୯: ସ୍ୱାଧୀନ ଭାବରେ ବାସକରିବା ଏବଂ ଗୋଷ୍ଠିରେ ସାମିଲହେବା :**

ରାଷ୍ଟ୍ରଗୁଡ଼ିକ ସହମତ ଯେ କୌଣସି ବ୍ୟକ୍ତିପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଗୋଷ୍ଠିରେ ବାସକରିବା, ସେଥିରେ ସମ୍ପୂର୍ଣ୍ଣଭାବରେ ସାମିଲ ହେବା ଏବଂ ଗୋଷ୍ଠିରେ ଅନ୍ତର୍ଭୁକ୍ତ ହେବାର ଅଧିକାର ଅଛି ।

ଏହି ସମ୍ପୃକ୍ତିଦ୍ୱାରା ଆମେ ନିଶ୍ଚିତ ହେବା ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ :

(କ) ଅନ୍ୟ ବ୍ୟକ୍ତିମାନଙ୍କ ପରି ସେମାନେ କାହାସହିତ ରହିବେ, କେଉଁଠାରେ ରହିବେ ତାହା ନିଷ୍ପତ୍ତି ନେବାର ସୁଯୋଗ ତାଙ୍କର ରହିଛି । ସେମାନେ ପସନ୍ଦ କରୁନଥିବା ଅନୁଷ୍ଠାନ କିମ୍ବା ଅନ୍ୟ ବ୍ୟବସ୍ଥାରେ ରହିବାପାଇଁ ତାଙ୍କୁ ବାଧ୍ୟ କରାଯିବ ନାହିଁ ।

(ଖ) ବ୍ୟକ୍ତିଗତ ସହାୟତା ପାଇବା ସମେତ ଗୋଷ୍ଠି ମଧ୍ୟରେ କେଉଁଠାରେ ବାସ କରିବେସେସମ୍ବନ୍ଧରେ ସେମାନଙ୍କର ବିଭିନ୍ନ ପ୍ରକାର ନିଷ୍ପତ୍ତି ନେବାରକ୍ଷମତା ରହିବ ।ଏହା ବ୍ୟତୀତ ଏହି ଏକୀଭୂତ ହେବାରୁ ସାହାଯ୍ୟ ପାଇବା, ଗୋଷ୍ଠି ମଧ୍ୟରେ ବାସକରିବା ଓ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ପୃଥକ ହେବାରୁ ନିବୃତ କରିବା ଇତ୍ୟାଦି ନିମନ୍ତେ ମଧ୍ୟ ନିଷ୍ପତ୍ତି ନେବାର କ୍ଷମତା ସେମାନଙ୍କର ରହିବ ।

(ଗ) ନିର୍ଦ୍ଦିଷ୍ଟ ବ୍ୟକ୍ତିର ଆବଶ୍ୟକତାକୁ ପୂରଣ କରିବାପାଇଁ ଆନୁସଙ୍ଗିକ ପରିବର୍ତ୍ତନ ହୋଇଥିବା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଗୋଷ୍ଠିସେବା ଗୁଡ଼ିକୁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ମଧ୍ୟ ଉପଭୋଗ କରିପାରିବେ ।

**ଧାରା ୨୦: ବ୍ୟକ୍ତିଗତ ଗତିଶୀଳତା:**

ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଯଥା ସମ୍ଭବ ସ୍ୱାଧୀନ ଭାବରେ ଚଳ ପ୍ରଚଳନ କରିପାରିବେ ଏବଂ :

(କ) ବ୍ୟକ୍ତିମାନଙ୍କର ରୁଚି ଅନୁସାରେ ଏବଂସେମାନଙ୍କର ଆର୍ଥିକ ସାମର୍ଥ୍ୟ ମଧ୍ୟରେ ସେମାନଙ୍କର ଗମନାଗମନରେ ସହାୟତା କରିବେ।

(ଖ) ସ୍ୱଳ୍ପ ବ୍ୟୟରେ ଚଳପ୍ରଚଳରେ ବ୍ୟବହୃତ ସହାୟତା ଉପକରଣର ବ୍ୟବହାର ଏବଂ ପ୍ରୟୋଗଜାଣିବାରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରିବେ ।

(ଗ) ଅକ୍ଷମତାଯୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ସହିତ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଚଳପ୍ରଚଳନ ଦକ୍ଷତା ସମ୍ବନ୍ଧରେ ପ୍ରଶିକ୍ଷଣ ଦେବେ ।

(ଘ) ଚଳନଶୀଳତାର ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ଏହା ନିମନ୍ତେ ଉପକରଣ ଏବଂ ପ୍ରୟୋଗବିଧି ତିଆରି କରୁଥିବା ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିବେ ।

ଧାରା ୨୧: ଭାବ ପ୍ରକାଶ ଏବଂ ମତାମତ ପ୍ରଦାନର ସ୍ୱାଧୀନତା ଓ ତଥ୍ୟ ଜାଣିବାର ଅଧୀକାର

ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ:

ଅକ୍ଷମତାଯୁକ୍ତ ବ୍ୟକ୍ତିମାଙ୍କର କହିବାର ଅଧିକାର ରହିଛି । ଯାହାକି ସେମାନେ ବ୍ରେଲ୍ ଲିପି କିମ୍ବା ସଙ୍କେତ ଭାଷା ଅଥବା କୌଣସି ପ୍ରକାର ମାଧ୍ୟମରେନିଜ ରୁଚି ଅନୁସାରେ ପ୍ରକାଶ କରିପାରିବେ । ପୁନଶ୍ଚ ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ ଅନ୍ୟ ବ୍ୟକ୍ତିମାନଙ୍କ ପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ତଥ୍ୟ ପ୍ରଦାନ କରିବା ଏବଂ ଗ୍ରହଣ କରିବାରେ ସମାନ ଅଧିକାର ରହିଛି, ଯେପରିକି :

(କ) ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ତଥ୍ୟକୁ ଅତିରିକ୍ତ ଖର୍ଚ୍ଚରେ ଅକ୍ଷମତାଯୁକ୍ତ ବ୍ୟକ୍ତି ମାନଙ୍କୁ ନିର୍ଦ୍ଦିଷ୍ଟଭାବେ ଯୋଗାଇ ଦିଆଯିବ । (ଉଦାହରଣ ସ୍ୱରୂପ ବ୍ରେଲ୍ ଲିପି ) ।

(ଖ) ଭିନ୍ନକ୍ଷମ ବ୍ୟକ୍ତିମାନେ ଅଫିସ୍ କାର୍ଯ୍ୟସମ୍ବନ୍ଧରେ ବ୍ୟବହାର କରୁଥିବା ବିଭିନ୍ନ ଉପାୟର ଭାବ ପ୍ରକାଶକୁ ଗ୍ରହଣ କରିବେ।

(ଗ) ସର୍ବ ସାଧାରଣଙ୍କ ସେବା ନିମନ୍ତେ କାର୍ଯ୍ୟକରୁଥିବା ଅଣସରକାରୀ ସଂସ୍ଥା ଏବଂ ଅନୁଷ୍ଠାନ ଗୁଡ଼ିକକ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଏହି ସେବା କାର୍ଯ୍ୟ ଗୁଡ଼ିକୁଅଧିକ ବ୍ୟାପକ କରିବା ନିମତେ ଉତ୍ସାହିତ କରିବେ ।

(ଘ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଯେପରି ତଥ୍ୟମାନ ସହଜରେ ପାଇପାରିବେ ସେଥିନିମନ୍ତେ ବାର୍ତ୍ତା ବାହକ ସଂସ୍ଥାମାନଙ୍କୁ ଉତ୍ସାହିତ କରିବେ ।

(ଙ) ସାଙ୍କେତିକ ଭାଷାର ବ୍ୟବହାର ସହିତ ସମ୍ମତ ହେବେ ଏବଂତାହାର ଉନ୍ନତି କରିବେ ।

**ଧାରା ୨୨: ଏକାନ୍ତତା ପ୍ରତି ସମ୍ମାନ ପ୍ରଦର୍ଶନ:**

୧) ରାଷ୍ଟ୍ରଗୁଡ଼ିକ :

ନିଶ୍ଚିତ ହେବେ ଯେ ଆଇନ୍‌ର ବିରୁଦ୍ଧାଚରଣ କରି କିମ୍ବା ବିନ କାରଣରେ କୌଣସି ବ୍ୟକ୍ତି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ଜୀବନରେ ସମ୍ପୃକ୍ତ ହୋଇପାରିବେ ନାହିଁ । ସେମାନେ ନିଶ୍ଚିତ ହେବେ ଯେ କୌଣସି ବ୍ୟକ୍ତି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମ୍ମାନ ଓ ସୁନାମରେ ଅନ୍ୟାୟ ଭାବରେ ପ୍ରତିକୂଳ ମନ୍ତବ୍ୟ ଦେଇପାରିବେ ନାହିଁ । ଏହି ପ୍ରକାରର ନିନ୍ଦାରୁ ଆଇନ୍ ଅନୁସାରେ ସୁରକ୍ଷା ପାଇବାପାଇଁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ରହିଛି ।

୨) ଠିକ୍ ଅନ୍ୟ ବ୍ୟକ୍ତିମାନଙ୍କପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ବ୍ୟକ୍ତିଗତ, ସ୍ୱାସ୍ଥ୍ୟଗତ ଏବଂ ଥିଇଥାନ ତଥ୍ୟଗତ ଗୋପନୀୟତାକୁ ସମାନ ଭାବରେ ସୁରକ୍ଷା ଦିଆଯାଉଛି ।

**ଧାରା ୨୩: ଗୃହ ଏବଂ ପରିବାର ପ୍ରତି ସମ୍ମାନ –**

୧) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତି ହୋଇଥିବା ପକ୍ଷପାତିତାକୁ ରାଷ୍ଟ୍ରଗୁଡ଼ିକ ଉପଯୁକ୍ତ ପଦକ୍ଷେପ ଦ୍ୱାରା ନିବାରଣ କରିବେ ଏବଂ ସେମାନେ ନିଶ୍ଚିତ ହେବେ ଯେ:

(କ) ଅନ୍ୟମାନଙ୍କ ପରି ଅକ୍ଷମତାଯୁକ୍ତବ୍ୟକ୍ତିମାନଙ୍କର ବିବାହ ଏବଂ ପରିବାର ଗଠନରେ ସମାନ ଅଧବକାର ରହିଛି ।

(ଖ) ଅନ୍ୟ ବ୍ୟକ୍ତିମାନଙ୍କପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନେପିଲାଜନ୍ମକରିବା, କେତେଜଣ ପିଲା ହେବେ ଏବଂସେମାନେକେବେଜନ୍ମ ହେବେ, ସେସମ୍ବନ୍ଧରେ ସେମାନଙ୍କର ସ୍ଥିର କରିବାର ଅଧିକାର ରହିଛି । ସେମାନଙ୍କୁ ତଥ୍ୟ ପ୍ରଦାନ କରାଯିବ ଏବଂ ପ୍ରଜନନ ଓ ପରିବାର ନିୟନ୍ତ୍ରଣ ସମ୍ବନ୍ଧରେ ସଚେତନ କରାଯିବ । ଏହି ତଥ୍ୟ ଉପଲବ୍ଧି କରିବା ନିମନେନ୍ତ ସେମାନଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ ।

(ଗ) ଯେକୌଣସି ବ୍ୟକ୍ତିପରି ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ଉତ୍ପାଦିତ ଶକ୍ତି ବଜାୟ ରଖିବା କ୍ଷେତ୍ରରେ ସମାନ ଅଧିକାର ରହିଛି ।

୨) ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ଅଭିଭାବକତ୍ୱଓ ପୋଷ୍ୟସନ୍ତାନ ଗ୍ରହଣ କରିବା ସମ୍ପର୍କିତ ବ୍ୟାପାରରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ଏବଂକର୍ତ୍ତବ୍ୟ ରହିଛି । ଏଥିରେ ଶିଶୁର ସ୍ୱାର୍ଥକୁ ଅଗ୍ରାଧିକାରଦିଆଯିବ । ସେମାନେ ଶିଶୁର ଲାଳପାଳନଦାୟିତ୍ୱ ତୁଲାଇବାରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସହାୟତା ଦେବେ।

୩) ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେଯେ ପାରିବାରିକ ଜୀବନ କ୍ଷେତ୍ରରେ ଅନ୍ୟମାନଙ୍କ ପରି ଅକ୍ଷମତାଯୁକ୍ତ ଶିଶୁମାନଙ୍କର ମଧ୍ୟ ସମାନ ଅଧିକାର ଅଛି । ରାଷ୍ଟ୍ରଗୁଡ଼ିକ ଅକ୍ଷମତାଯୁକ୍ତ ଶିଶୁ ଏବଂସେମାନଙ୍କର ପରିବାରକୁ ପ୍ରାଥମିକ ଅବସ୍ଥାରୁ ତଥ୍ୟ, ସେବା ଏବଂସହାୟତା ଯୋଗାଇ ଦେବେ ।

୪) ଶିଶୁର ସର୍ବୋତ୍ତମ ସ୍ୱାର୍ଥ ସମ୍ବଳିତ ନହେଲେ ଏବଂ ଆଇନ୍ ଅନୁସାରେ କରାଯାଇ ନଥିଲେ ତାର ଇଚ୍ଛା ବିରୁଦ୍ଧରେ ଶିଶୁଟିକୁ ପିତାମାତାଙ୍କ ଠାରୁ ପୃଥକ କରାଯାଇ ପାରିବ ନାହିଁ । ପିତାମାତାଙ୍କର ଅଥବା ଶିଶୁଟିର ଅକ୍ଷମତା କାରଣ ଯୋଗୁଁ ଶିଶୁଟିକୁ ପିତାମାତାଙ୍କ ଠାରୁ ପୃଥକକରାଯାଇ ପାରିବ ନାହିଁ ।

୫) ଯଦିପରିବାରର ଘନିଷ୍ଠ ସମ୍ପର୍କୀୟମାନେ (ଯଥା-ପିତାମାତା, ଭାଇ ଭଉଣୀ) ଅକ୍ଷମତାଯୁକ୍ତ ଶିଶୁର ଯତ୍ନନେଇ ପାରୁ ନାହାନ୍ତି, ତେବେ ପିଲାର ଲାଳନ ପାଳନ ନିମନ୍ତେ ସମସ୍ତ ପରିବାର ମଧ୍ୟରୁ କୌଣସି ସଦସ୍ୟଙ୍କୁ କିମ୍ବା ତା ନହେଲେ ଶିଶୁଟିର ଲାଳନପାଳନ ପାଇଁ ଆଞ୍ଚଳିକ ଗୋଷ୍ଠିକୁ ସ୍ଥିର କରାଯାଇପାରେ ।

**ଧାରା ୨୪:ଶିକ୍ଷା:**

ଅକ୍ଷମତାଯୁକ୍ତ ସମସ୍ତ ବ୍ୟକ୍ତିମାନଙ୍କର ଶିକ୍ଷା ପାଇବାର ଅଧିକାର ଅଛି ବୋଲି ରାଷ୍ଟ୍ରଗୁଡ଼ିକ ଏକମତ । ସେମାନେ ନିଶ୍ଚିତ ହେବେ ଯେ, ପ୍ରତ୍ୟେକ ସ୍ତରର ଶିକ୍ଷା ପଦ୍ଧତିରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସାମିଲ ହେବେ ଏବଂ ଏହି ଶିକ୍ଷା ପ୍ରଣାଳୀ:

(କ) ପ୍ରତ୍ୟେକ ନିଜର ଅନ୍ତର୍ନିହିତ ଶକ୍ତିର ବିକାଶ, ଆତ୍ମ ମର୍ଯ୍ୟାଦାଜ୍ଞାନ ଓ ନିଜରସାମର୍ଥ୍ୟ, ମାନବିକ ଅଧିକାର ନିମନ୍ତେ ସମ୍ମାନ, ସ୍ୱାଧୀନତା ଓ ବିଭିନ୍ନତା ଆଣିବା ଦିଗରେ ନିଶ୍ଚିତ ହେବା ନିମନ୍ତେ କାର୍ଯ୍ୟସାଧନ କରିବ

(ଖ) ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଓ ସାମର୍ଥ୍ୟର ସଂପୂର୍ଣ୍ଣ ବିକାଶ ନିମନ୍ତେ କାର୍ଯ୍ୟ କରିବେ

(ଗ) ସମାଜରେ ଅକ୍ଷମତାଯୁକ୍ତ ସମସ୍ତ ବ୍ୟକ୍ତି ସମ୍ପୃକ୍ତ ହେବେ ବୋଲି ନିଶ୍ଚିତ ହେବାପାଇଁ କାର୍ଯ୍ୟକରିବେ ।

ଏହାକୁ କାର୍ଯ୍ୟକାରୀ କରିବାପାଇଁ ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ:

(କ) ସେମାନଙ୍କର ବାଧକତା କାରଣରୁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ । ଆଉ ମଧ୍ୟ ବାଧକତା ହେତୁ ଅକ୍ଷମତା ଯୁକ୍ତ ଶିଶୁମାନେ ବିନାଖର୍ଚ୍ଚରେ ଏବଂ ବାଧ୍ୟତା ମୂଳକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ହେବେ ନାହିଁ ।

(ଖ) ଅକ୍ଷମତାଯୁକ୍ତ ସମସ୍ତ ବ୍ୟକ୍ତି ସେମାନେ ସଂପୃକ୍ତ ଥିବା ଶିକ୍ଷାକୁ ଗ୍ରହଣ କରିବା ନିମନ୍ତେ ଏପରି ଭାବରେ ସ୍ଥିର କରିବେ ଯେ, ଯାହା ସେମାନଙ୍କ ପାଇଁ ସୁଗମ ହୋଇପାରିବ ଏବଂ ତାହା ଆଞ୍ଚଳିକ ଭିତ୍ତିକ ହୋଇଥିବ ।

(ଗ) ଆନୁଷଙ୍ଗିକ ପରିବର୍ତ୍ତନ ଏପରି ଭାବରେ କରାଯିବ, ଯାହା ଫଳରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସେମାନଙ୍କ ଶିକ୍ଷାରୁ ସର୍ବାଧିକ ଉପକୃତ ହେବେ ।

(ଘ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଆବଶ୍ୟକ କରୁଥିବା ସାହାଯ୍ୟ ସେମାନଙ୍କ ଶିକ୍ଷାରୁ ପାଇ ପାରିବେ ।

(ଙ) ବ୍ୟକ୍ତିଗତ ଭାବରେ ଆବଶ୍ୟକ କରୁଥିବା ସହାୟତା ଅକ୍ଷମତାଯୁକ୍ତ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯିବ ।

୩) ରାଷ୍ଟ୍ରଗୁଡ଼ିକ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଏପରିଯୋଜନା କରିବେ ଯେପରି ସେମାନେ(ଅକ୍ଷମତାଯୁକ୍ତ ବ୍ୟକ୍ତି)ବିଦ୍ୟାଳୟକୁ ଯିବା ଏବଂ ସମାଜରେ ଜୀବନ ଯାପନ କରିବା ନିମନ୍ତେ ଆବଶ୍ୟକ କରୁଥିବା ସାମାଜିକ ଜୀବନଯାପନ ଦକ୍ଷତା ଶିକ୍ଷାକରି ପାରୁଥିବେ । ଏହି କାର୍ଯ୍ୟଗୁଡ଼ିକୁ ସେମାନେ ନିମ୍ନଲିଖିତ ଭାବରେ ସାଧନ କରିପାରିବେ:

(କ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ବ୍ରେଲ ଏବଂ ଭାବ ବିନିମୟର ବିଭିନ୍ନ ପ୍ରକାରର ମାଧ୍ୟମ ସହପାଠୀ ତଥା ଉପଦେଷ୍ଟାଙ୍କର ସାହାଯ୍ୟ ପାଇବା ନିମନ୍ତେ ବ୍ୟବସ୍ଥା କରିବା ଦ୍ୱାରା

(ଖ) ସେମାନଙ୍କୁ ସାଙ୍କେତିକ ଭାଷା ଶିକ୍ଷା ଦେବାଦ୍ୱାରା

(ଗ) ଶିକ୍ଷାଦ୍ୱାରା ସେମାନେ ସର୍ବାଧିକ ଉପକୃତ ହୋଇ ପାରିବେ ବିଶେଷତଃ ଦୃଷ୍ଟି ବାଧିତ, ଶ୍ରବଣ ବାଧିତ କିମ୍ବା ଶ୍ରବଣ-ଦୃଷ୍ଟି ବାଧିତ ଶିଶୁମାନଙ୍କୁ ଉପଯୁକ୍ତ ପ୍ରକାରର ଭାବ ବିନିମୟ (comunication) ଶିକ୍ଷା ଦେବା ଦ୍ୱାରା

୪)	ସେମାନେ ନିଶ୍ଚିତ ହେବେ ଯେ ଏହି ଅଧିକାର ଗୁଡ଼ିକ ପ୍ରକୃତରେ କାର୍ଯ୍ୟକାରୀ କରାଯାଉଛି । ରାଷ୍ଟ୍ରମାନେ ଏପରି ଶିକ୍ଷକଙ୍କୁ ନିଯୁକ୍ତି ଦେବେ ଯେଉଁମାନେ ଅକ୍ଷମତାଯୁକ୍ତ ବ୍ୟକ୍ତି ହୋଇଥିବେ, ଯେଉଁମାନେ ବ୍ରେଲ୍ ଓ ସାଙ୍କେତିକ ଭାଷାରେ ଯୋଗ୍ୟତା ହାସଲକରିଥିବେ । ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଯେପରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇ ପାରିବ ସେଥିନିମନ୍ତେ ରାଷ୍ଟ୍ରଗୁଡ଼ିକ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦେବେ ।

୫)	ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ଧନ୍ଦାମୂଳକ ତାଲିମ କ୍ଷେତ୍ରରେ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ଏବଂ ଜୀବନର ବିଭିନ କ୍ଷେତ୍ର ନିମନ୍ତେ ଅନ୍ୟ ବ୍ୟକ୍ତିମାନଙ୍କ ପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମାନ ଅଧିକାର ରହିଛି ।

(କ)	ବ୍ୟକ୍ତିମାନେ ବିନା ଖର୍ଚ୍ଚରେ କିମ୍ବା ସୀମିତ ଖର୍ଚ୍ଚରେ ସମାନ ପ୍ରକାରର, ସମାନ ଗୁଣ ଓ ସମାନ ମାନର ସ୍ୱାସ୍ଥ୍ୟସେବା ପାଇବେ ।

(ଖ)	ସେମାନେ ନିଶ୍ଚିତ ହେବେ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସେମାନଙ୍କର ବାଧାକତା ନିମନ୍ତେ ଆବଶ୍ୟକ କରୁଥିବା ଓ ବାଧକତା ବୃଦ୍ଧି ନ ହେବାପାଇଁ ଆବଶ୍ୟକ ହେଉଥିବା ସେବା ସେମାନେ ପାଇପାରିବେ ।

(ଗ)	ନିଜ ଅଞ୍ଚଳରେ ସେମାନେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ।

(ଘ)	ସ୍ୱାସ୍ଥ୍ୟ କର୍ମୀମାନେ ଅନ୍ୟମାନଙ୍କୁ ଯୋଗାଇ ଦେଇଥିବା ସେବାପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ସେବା ଯୋଗାଇ ଦେବା ନିମନ୍ତେ ଦାବି କରିବେ । ଉଦାହରଣ ସ୍ୱରୂପ, କେବଳ ବ୍ୟକ୍ତିଟି ଯଦି ରାଜିହୁଏ ଏବଂ ପ୍ରଶିକ୍ଷଣ ମାଧ୍ୟମରେ ତାର ଅଧିକାର ଓ ସ୍ୱାସ୍ଥ୍ୟସେବା ପାଇଁ ନୈତିକମାନ ସମ୍ବନ୍ଧରେ ଧାରଣ ହୋଇଥାଏ ।

(ଙ)	ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟବୀମା ଏବଂ ଜୀବନବୀମା କ୍ଷେତ୍ରରେ ହେଉଥିବା ପକ୍ଷପାତିତାକୁ ବନ୍ଦ କରିବେ ଓ ନିଶ୍ଚିତ ହେବେ ଯେ, ସେହି ବୀମା ନ୍ୟାୟୋଚିତ ଭାବରେ କରାହୋଇଛି ।

(ଚ)	ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ବାଧକତା କାରଣରୁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ପକ୍ଷପାତିତା କରାଯିବ ନାହିଁ ଏବଂ ସ୍ୱାସ୍ଥ୍ୟର ଯତ୍ନ କିମ୍ବା ସ୍ୱାସ୍ଥ୍ୟସେବା ଅଥବା ଖାଦ୍ୟ ଓ ପାନୀୟ ବାରଣ କରାଯାଉ ନାହିଁ ।

**ଧାରା ୨୬: ବାସଗୃହ ଓ ଥଇଥାନ :**

(୧)	ସହପାଠୀଙ୍କ ଦ୍ୱାରା ସହାୟତା ପାଇବା, ସର୍ବାଧିକ ସ୍ୱାଧୀନତା ଉପଭୋଗ ଓ ପୂର୍ଣ୍ଣ ସାମର୍ଥ୍ୟ କରିପାରିବ ଏବଂ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଜୀବନର ସମସ୍ତ କ୍ଷେତ୍ରରେ ସଂପୂର୍ଣ୍ଣଭାବରେ ସଂପୃକ୍ତ ହୋଇ ପାରିବା ଇତ୍ୟାଦି ବିଷୟରେ ରାଷ୍ଟ୍ରଗୁଡ଼ିକ ପଦକ୍ଷେପ ନେବେ । ଏହି ଗୁଡିକୁ ସାକାର କରିବା ପାଇଁ ରାଷ୍ଟ୍ରଗୁଡିକ ନିଶ୍ଚିତ ହେବେ ଯେ, ଜୀବନର ସମସ୍ତ କ୍ଷେତ୍ରରେ ବ୍ୟାପ୍ତହେଉଥିବା ସେବାକାର୍ଯ୍ୟ ଗୁଡିକ ଯଥା:- ଉଭୟ ବାସସ୍ଥାନ ଏବଂ ଥଇଥାନ ଯେପରି ପ୍ରାପ୍ତ ହେବ ରାଷ୍ଟ୍ର ଗୁଡ଼ିକ ତାହା ଯୋଗାଇ ଦେବେ, ଯାହା ଫଳରେ ସେମାନେ:

(କ)	ଯଥା ସମ୍ଭବ କାର୍ଯ୍ୟ ଆରମ୍ଭ କରିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ସାମର୍ଥ୍ୟ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ କାଯ୍ୟାଧାରା ପ୍ରସ୍ତୁତ କରିବେ

(ଖ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଗୋଷ୍ଠିରେ ଅଂଶ ଗ୍ରହଣ କରିବା ଏବଂ ସେଥିରେ ସଂପୃକ୍ତ ହେବା ପାଇଁ ସାହାଯ୍ୟ କରିବେ ।

(ଗ)	ସ୍ୱତଃ ପ୍ରବୃତ୍ତ ଏବଂ ବ୍ୟକ୍ତିଗତ ଭାବରେ ଯଥାସମ୍ଭବ ଗୋଷ୍ଠିର ନିକଟତର ହେବେ

୨-	ବାସଗୃହ ଏବଂ ଥଇଥାନ ସେବାରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କ ନିମନ୍ତେ ରାଷ୍ଟ୍ରଗୁଡ଼ିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ।

୩-	ବାସଗୃହ ଏବଂ ଥଇଥାନ ସଂପର୍କୀତ ସହାୟକ ଉପକରଣ ଓ ଅନ୍ୟାନ୍ୟ ସହାୟକ ବସ୍ତୁଗୁଡ଼ିକର ବ୍ୟବହାରର ବିକାଶ କରାଇବେ ।

## ଧାରା ୨୭: କର୍ମ ଏବଂ ନିଯୁକ୍ତି :

୧ – ରାଷ୍ଟ୍ରଗୁଡ଼ିକ ସମ୍ମତ ଯେ, ଅନ୍ୟ ବ୍ୟକ୍ତିମାନଙ୍କ ପରି ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର କାର୍ଯ୍ୟ କରିବାରେ ସମାନ ଅଧିକାର ଅଛି । ଏହାର ଅର୍ଥ ସମସ୍ତଙ୍କ ପାଇଁ ମୁକ୍ତ ଏବଂ ପ୍ରଯୁଜ୍ୟ ହେଉଥିବା କାର୍ଯ୍ୟଗୁଡିକ ମଧ୍ୟରୁ ସେମାନେ ସ୍ଥିର କରିଥିବା କାର୍ଯ୍ୟ ମାଧ୍ୟମରେ ସେମାନଙ୍କର ଜୀବିକା ନିର୍ବାହ କରିବାର ଅଧିକାର ଅଛି ।

ରାଷ୍ଟ୍ରଗୁଡ଼ିକ ନିମ୍ନଲିଖିତ ବିଷୟ ମାନଙ୍କରେ ଆଇନ୍ ପ୍ରଣୟନ୍ କରିବେ ଏବଂ ଆବଶ୍ୟକ ଅନୁଯାୟୀ କର୍ମପନ୍ଥା ଗ୍ରହଣ କରିବେ ।

(କ) ସମସ୍ତ ପ୍ରକାରର ନିଯୁକ୍ତି କ୍ଷେତ୍ରରେ ପ୍ରତ୍ୟେକ ପରିସ୍ଥିତିରେ ଅକ୍ଷମତାର କାରଣ ଜନିତ ପକ୍ଷପାତିତାକୁ ବନ୍ଦ କରିବେ । ଉଦାହରଣ ସ୍ୱରୂପ, ଏହି ପକ୍ଷପାତିତା ଯେତେବେଳେ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନେ ନିଯୁକ୍ତି ପାଇବା ପାଇଁ ଚେଷ୍ଟା କରିବେ, ମଜୁରୀ ଲାଗିବେ, ପଦୋନ୍ନତି ପାଇବେ କିମ୍ବା କାର୍ଯ୍ୟ ବ୍ୟବସ୍ଥାଗୁଡ଼ିକ ନିରାପଦ ବୋଲି ନିଶ୍ଚିତ ହେବେ ଏବଂ ଏହିପରି ପରିସ୍ଥିତି ଗୁଡ଼ିକ ସହିତ ସଂପୃକ୍ତି ।

(ଖ) ସମାନ କାର୍ଯ୍ୟପାଇଁ ସମାନ ବେତନ, ସମାନ ସୁଯୋଗ, ନିରାପଦ ଏବଂ ସୁସ୍ଥ କାର୍ଯ୍ୟାବସ୍ଥା ଏବଂ ଅଭିଯୋଗ । କରିବାରେ ସାମର୍ଥ୍ୟ କ୍ଷେତ୍ରରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ଗୁଡିକୁ ସୁରକ୍ଷା ଦେବା ।

ଗ) ନିଶ୍ଚିତ ହେବେ ଯେ, ଅନ୍ୟମାନଙ୍କ ପରି ଅକ୍ଷମତା ଯୁକ୍ତ ବ୍ୟକ୍ତିମାନେ ମଧ୍ୟ ଶ୍ରମଜିବୀ ସଂଘ ବା ଶ୍ରମିକ ସଂଗଠନର ପରିଚାଳନା ଓ ସେଥିରେ ଅଂଶ ଗ୍ରହଣ କରିପାରିବେ ।

ଘ) ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ବୃତ୍ତିଗତ ପରାମର୍ଶ ଏବଂ ଧନ୍ଦା ମୂଳକ ତାଲିମ୍‌ପାଇଁ ପରିବେଶ ସୃଷ୍ଟି କରିବା ।

ଙ) ଅକ୍ଷମତା ଯୁକ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ ନିଯୁକ୍ତି, ବୃତ୍ତିଗତ ପ୍ରୋତ୍ସାହନ ଏବଂ ନିଯୁକ୍ତି ପାଇବା ଓ ତାହାକୁ ବଜାୟ ରଖିବା ନିମନ୍ତେ ସାହାଯ୍ୟ କରିବା ।

ଚ) ଆତ୍ମନିଯୁକ୍ତି, ବ୍ୟବସାୟିକ ସୁଯୋଗ ଓ ଆରମ୍ଭ କରୁଥିବା ବ୍ୟବସାୟ ଗୁଡିକର ବିକାଶ କରାଇବା ।

ଛ) ସରକାରୀ କ୍ଷେତ୍ରରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବେ ।

ଜ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ନିଯୁକ୍ତିକାରୀମାନଙ୍କୁ ଉତ୍ସାହିତ ଏବଂ ସାହାଯ୍ୟ କରିବେ ।

ଝ) ନ୍ୟାୟ ସଂଗତଃ ଭତ୍ତା ପ୍ରଦାନକରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ଓ କାର୍ଯ୍ୟ କରିବେଶରେ ସାମିଲ ହେବା ନିମନ୍ତେ ପଥ ସୁଗମ କରିବା ।

ଞ) ଅକ୍ଷମତା ଯୁକ୍ତ ବ୍ୟକ୍ତିମାନେ ଯେପରି ଶ୍ରମ ବଜାରରେ କାର୍ଯ୍ୟଭିଜ୍ଞତା ଲାଭକରିବେ ସେ କ୍ଷେତ୍ରରେ କାର୍ଯ୍ୟ କରିବା ।

ଟ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ଧନ୍ଦା ମୂଳକ ଏବଂ ବୃତ୍ତିଭିତ୍ତିକ ଥଇଥାନ ଏବଂ କାର୍ଯ୍ୟକ୍ରମ ଗୁଡିକ ନିମନ୍ତେ ସହାୟତା ପ୍ରଦାନ କରିବା, ଯାହାଫଳରେ ସେମାନେ କାର୍ଯ୍ୟ କ୍ଷେତ୍ରକୁ ଫେରି ଆସିବେ ଏବଂ ନିଜର ବୃତ୍ତିକୁ ରକ୍ଷା କରିବେ ।

୨ – ରାଷ୍ଟ୍ରଗୁଡିକ ନିଶ୍ଚିତ ହେବେ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ଦାସତ୍ୱ ଭାବେ ରଖାଯାଇନାହିଁ । ବାଧ୍ୟତା ମୂଳକ ଶ୍ରମରୁ ଯେପରି ଅନ୍ୟ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦିଆଯାଇଛି, ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କୁ ମଧ୍ୟ ସେମାନେ ସେଥିରୁ ସୁରକ୍ଷା ଦେବେ ।

## ଧାରା ୨୮ : ଜୀବନ ଧାରଣ ଶୈଳୀର ପର୍ଯ୍ୟାପ୍ତମାନ ଏବଂ ସାମାଜିକ ସୁରକ୍ଷା :

୧) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ନିଜର ଏବଂ ନିଜ ପରିବାରରେ ଉନ୍ନତମାନର ଜୀବନ ଧାରଣ କରିବାର ଅଧିକାରକୁ ରାଷ୍ଟ୍ରଗୁଡିକ ସ୍ୱୀକୃତି ପ୍ରଦାନ କରିଛନ୍ତି । ଆବଶ୍ୟକ ଅନୁଯାୟୀ ଖାଦ୍ୟ, ପୋଷାକ, ବାସଗୃହ ଏବଂ ସେମାନଙ୍କର ଜୀବନର ସର୍ବଦା ମାନବୃଦ୍ଧି ଏହାର ଅନ୍ତର୍ଭୁକ୍ତ ।

୨) ସେମାନଙ୍କର ବାଧକତା କାରଣରୁ ବିନା ପକ୍ଷପାତିତାରେ ସରକାରଙ୍କ ଦ୍ୱାରା ସାମାଜିକ ନିରାପତ୍ତା ନିମନ୍ତେ । ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାରକୁ ରାଷ୍ଟ୍ରଗୁଡିକ ଅନୁମୋଦନ କରୁଛନ୍ତି ।

ରାଷ୍ଟ୍ରଗୁଡିକ ନିମ୍ନଲିଖିତ ବିଷୟଗୁଡିକ ସମେତ ଏହି ଅଧିକାରକୁ ସୁରକ୍ଷା ଦେବା ନିମନ୍ତେ ନିଶ୍ଚିତ ହେବେ :

କ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଆବଶ୍ୟକ ସେବା, ଉପକରଣ ଏବଂ ବାଧକତା ସଂପର୍କୀତ ଆବଶ୍ୟକତା ନିମନ୍ତେ ସାହାଯ୍ୟ ପାଇ ପାରିବେ ।

ଖ) ଦରିଦ୍ରତାରୁ ମୁକ୍ତି ନିମନ୍ତେ ସାହାଯ୍ୟ କରୁଥିବା ସମାଜ ମଙ୍ଗଳ ସହାୟତା ଏବଂ କାର୍ଯ୍ୟକ୍ରମ ଗୁଡିକରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ପ୍ରବେଶ ଅଧିକାର ରହିଛି । ଏହା ସ୍ୱତନ୍ତ୍ର ଭାବରେ ଅକ୍ଷମତା ଯୁକ୍ତ ମହିଳା ଏବଂ ବାଳିକା ତଥା ଅକ୍ଷମତାଯୁକ୍ତ ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରଯୁଜ୍ୟ ।

ଗ) ଦାରିଦ୍ର୍ୟ ମଧ୍ୟରେ ଜୀବନ ଯାପନ କରୁଥିବା ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଏବଂ ସେମାନଙ୍କର ପରିବାର ବର୍ଗ, ସେମାନଙ୍କର ବାଧକତା ଜନିତ ଖର୍ଚ୍ଚ ବହନ କରିବା ନିମନ୍ତେ ସରକାରଙ୍କଠାରୁ ସାହାଯ୍ୟ ପାଇ ପାରିବେ ।

ଘ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସହକାରୀ ବାସଗୃହ ଯୋଜନାରେ ଅଂଶ ଗ୍ରହଣ କରିବାର ଅଧିକାର ରହିଛି ।

ଙ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଅବସର କାଳୀନ ଭତ୍ତା ପାଇ ପାରିବେ ।

**ଧାରା ୨୯ : ରାଜନୈତିକ ଏବଂ ସର୍ବସାଧାରଣ ଜୀବନରେ ଅଂଶ ଗ୍ରହଣ :**

ରାଷ୍ଟ୍ରଗୁଡିକ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ରାଜନୈତିକ ଅଧିକାର ଗୁଡିକୁ ବିନା ପକ୍ଷପାତିତାରେ ସ୍ୱୀକୃତି ପ୍ରଦାନ କରିଛନ୍ତି ଏବଂ ସେମାନେ:

କ) ନିଶ୍ଚିତ ହେବେ ଯେ, ସେମାନେ ରାଜନୈତିକ ଏବଂ ସର୍ବସାଧାରଣ ଜୀବନରେ ସଂପୃକ୍ତ ହେବେ । ଉଦାହରଣ ସ୍ୱରୂପ- ଭୋଟ ଦେବାରେ ଏବଂ ନିର୍ବାଚିତ ହେବାରେ ଅଧିକାର । ଏଥିନିମନ୍ତେ ସେମାନେ ନିଶ୍ଚିତ ହେବେ ଯେ :

୧- ଭୋଟଦାନ ସହଜ, ବୋଧଗମ୍ୟ ଏବଂ ପ୍ରବେଶ ଉପଯୋଗୀ ହୋଇଥିବ ।

୨- ଗୁପ୍ତଭୋଟ ଦେବା ଏବଂ ନିର୍ବାଚିତ ହେବା ନିମନ୍ତେ ନାଗରିକମାନଙ୍କ ଅଧିକାରର ସୁରକ୍ଷା ।

୩- ସହାୟତା ଆବଶ୍ୟକ କରୁଥିବା ଭିନ୍ନକ୍ଷମ ଯୁକ୍ତ ନାଗରିକମାନେ ନିଜ ପସନ୍ଦ ଅନୁଯାୟୀ କୌଣସି ବ୍ୟକ୍ତିଠାରୁ ଭୋଟ ଦେବା ନିମନ୍ତେ ସାହାଯ୍ୟ ପାଇପାରିବେ ।

ଖ) ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କୁ ନିମ୍ନଲିଖିତ ବିଷୟ ସମେତ ସରକାରୀ କାର୍ଯ୍ୟରେ ସଂପୃକ୍ତ କରିବା ଏବଂ ସର୍ବସାଧାରଣ ବ୍ୟାପାରରେ ଅଂଶ ଗ୍ରହଣ ନିମନ୍ତେ ଉତ୍ସାହିତ କରିବେ ।

୧- ରାଜନୈତିକ ଦଳ ଏବଂ ବେସାମରିକ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିବା ବେସରକାରୀ ଅନୁଷ୍ଠାନ ଓ ସଂଘଗୁଡିକ ରେ ସଂପୃକ୍ତ ହେବେ ।

୨- ଜାତୀୟ ସ୍ତରରେ ଓ ଆଞ୍ଚଳିକ ସ୍ତରରେ ଏବଂ ସ୍ଥାନ ବିଶେଷରେ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ପ୍ରତିନିଧିତ୍ୱ କରିବା ପାଇଁ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଅନୁଷ୍ଠାନ ଗଠନ ଏବଂ ସେଥିରେ ଯୋଗଦାନ କରିବେ ।

**ଧାରା ୩୦ : ସାଂସ୍କୃତିକ ଜୀବନ, ଚିତ୍ତ ବିନୋଦନ, ଅବସର ବିନୋଦନ ଏବଂ କ୍ରୀଡାରେ ଅଂଶ ଗ୍ରହଣ :**

୧- ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସାଂସ୍କୃତିକ ଜୀବନର ଅଂଶଗ୍ରହଣ କରିବାର ଅଧିକାରକୁ ରାଷ୍ଟ୍ରଗୁଡିକ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେମାନେ ଏଥିନିମନ୍ତେ ନିଶ୍ଚିତ ହେବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଯଥା :

କ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସାହିତ୍ୟ ଏବଂ ଅନ୍ୟାନ୍ୟ ରଚନା ଗୁଡିକରେ ପ୍ରବେଶ ରହିବ । ଯେପରିକି ବ୍ରେଲ, ସଂକେତଭାଷା ଏବଂ ଶ୍ରାବ୍ୟ ଭାଷା ।

ଖ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଦୂରଦର୍ଶନ କାର୍ଯ୍ୟକ୍ରମ ଚଳଚିତ୍ର, ନାଟକ ଅଭିନୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏପରି ଭାବରେ ପାଇପାରିବେ ଯେପରିକି ସେମାନେ ସେଗୁଡ଼ିକୁ ବୁଝିପାରିବେ । ଉଦାହରଣ ସ୍ୱରୂପ : ସିରୋନାମା ଏବଂ ସାଂସ୍କୃତିକ ଭାଷା ।

ଗ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସେବା ପାଇବାରିବେ ଯେପରିକି ପୁସ୍ତକାଳୟ, ସଂଗ୍ରହାଳୟ, ନାଟ୍ୟ ଶାଳା ଏବଂ ଜାତୀୟ ପ୍ରାଧାନ୍ୟଯୁକ୍ତ ସ୍ଥାନ ।

୨–	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଯେପରି ସେମାନଙ୍କର ଶୃଜନଶୀଳ କଳାନିପୁଣ ଓ ଅନ୍ତର୍ନିହିତ ଶକ୍ତିର ଉନ୍ନତି ଏବଂ ପ୍ରୟୋଗ ସମ୍ଭବପର ହେବ ସେ ସମ୍ବନ୍ଧରେ ରାଷ୍ଟ୍ରଗୁଡ଼ିକ ପଦକ୍ଷେପ ନେବେ ।

୩–	ଜାଲିକରଣ (Forgery) କିମ୍ବା ଅନ୍ୟ ବ୍ୟକ୍ତିର ଲେଖାର ଅବିକଳ ନକଲଠାରୁ ସୁରକ୍ଷା ହେଉଥିବା ନଥିପତ୍ର (ଦଲିଲ), ଅନ୍ୟାନ୍ୟ ରଚନାବଳୀ ଓ ଉଦ୍ଭାବନ ଗୁଡ଼ିକୁ ସୁରକ୍ଷା ଦେଉଥିବା ଆଇନ୍ ଯେପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ପକ୍ଷପାତିତା ନକରେ ଏହା ନିଶ୍ଚିତ ହେବା ପାଇଁ ରାଷ୍ଟ୍ରଗୁଡ଼ିକ ପଦକ୍ଷେପ ନେବେ ।

୪–	ଠିକ୍ ଅନ୍ୟ ପ୍ରତ୍ୟେକଙ୍କ ପରି ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ସଂସ୍କୃତି ଏବଂ ଭାଷାକୁ ସ୍ୱୀକୃତି ପାଇବା ନିମନ୍ତେ ଅଧିକାର ରହିଛି, ଉଦାହରଣ ସ୍ୱରୂପ : ସାଙ୍କେତିକ ଭାଷା (ଠାରେ) ଏବଂ ବଧିର–ସଂସ୍କୃତି ।

୫–	ରାଷ୍ଟ୍ରଗୁଡ଼ିକ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି ଯେ, ଚିତ୍ତବିନୋଦନ, ଅବସର ବିନୋଦନ ଏବଂ କ୍ରୀଡାରେ ଅଂଶଗ୍ରହଣ କରିବାରେ ଅନ୍ୟମାନଙ୍କ ପରି ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ସମାନ ଅଧିକାର ରହିଛି । ରାଷ୍ଟ୍ରଗୁଡ଼ିକ ଏଥିନିମନ୍ତେ ନିମ୍ନଲିଖିତ ପଦକ୍ଷେପ ନେବେ :

କ)	ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ, ଅକ୍ଷମତା ବିହୀନ ବ୍ୟକ୍ତିମାନଙ୍କ ସହିତ କ୍ରୀଡା କ୍ଷେତ୍ରରେ ପ୍ରତ୍ୟେକ ସ୍ତରରେ ସଂପୃକ୍ତ ହେବା ନିମନ୍ତେ ଉତ୍ସାହିତ ଏବଂ ସାହାଯ୍ୟ କରିବେ ।

ଖ)	ସେମାନେ ନିଶ୍ଚିତ ହେବେ ଯେ, ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର କ୍ରୀଡା କାର୍ଯ୍ୟକ୍ରମ ପରିଚାଳନା କରିବା ଏବଂ ସେଥିରେ ଅଂଶ ଗ୍ରହଣ କରିବା ତଥା ଅନ୍ୟ ବ୍ୟକ୍ତିମାନଙ୍କ ପରି ସମାନ ପ୍ରଶିକ୍ଷଣ ଓ ସହାୟତା ଗ୍ରହଣ କରିବାର ସୁଯୋଗ ଅଛି ।

ଗ)	ସେମାନେ ନିଶ୍ଚିତ ହେବେ ଯେ, ଅନ୍ୟ ବ୍ୟକ୍ତିମାନଙ୍କପରି ଅକ୍ଷମତା ଯୁକ୍ତବ୍ୟକ୍ତିମାନେ କ୍ରୀଡା ଏବଂ ଚିତ୍ତ ବିନୋଦନ କ୍ଷେତ୍ରରେ ପ୍ରବେଶ କରି ପାରିବେ ।

ଘ)	ସେମାନେ ନିଶ୍ଚିତ ହେବେ ଯେ, (ଅକ୍ଷମତାଯୁକ୍ତ ପିଲାମାନେ ଅନ୍ୟ ପିଲାମାନଙ୍କ ପରି ବିଦ୍ୟାଳୟରେ ଖେଳିପାରିବେ ଓ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ।

ଙ)	ସେମାନେ ନିଶ୍ଚିତ ହେବେ ଯେ, ଅବସର ବିନୋଦନ ଏବଂ ଖେଳ କସରତ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ସାହାଯ୍ୟ ପାଇପାରିବେ ।

**ଧାରା ୩୧ : ପରିସଂଖ୍ୟାନ ଓ ତଥ୍ୟ ସଂଗ୍ରହ**

୧–	ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଷ୍ଟ୍ରଗୁଡ଼ିକ ପରିସଂଖ୍ୟାନ ଏବଂ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିବେ ଏବଂ ସେଥିପ୍ରତି ଦୃଷ୍ଟି ଦେବେ ।

ଏହି ତଥ୍ୟ ସଂଗ୍ରହ କରିବା ନିମନ୍ତେ ସେମାନେ :

କ) ଲୋକମାନଙ୍କର ଏକାନ୍ତତାର ଅଧିକାରକୁ (Privacy) ସମ୍ମାନ କରିବେ । ଯଦି ଲୋକମାନେ ସମ୍ମତ ହୁଅନ୍ତି ତେବେ ସେମାନଙ୍କୁ ତଥ୍ୟଗୁଡ଼ିକ ଦିଆଯାଇପାରେ ।

ଖ) ପରିସଂଖ୍ୟାନ ସଂଗ୍ରହ ଏବଂ ପ୍ରୟୋଗ କରିବା ସମୟରେ ମାନବୀୟ ଅଧିକାର ଏବଂ ନୈତିକତାକୁ ସମ୍ମାନ ଦିଆହେବ ।

୨- ସଂଗୃହିତ ତଥ୍ୟ ଗୁଡ଼ିକୁ ବିଭିନ୍ନ ଶ୍ରେଣୀ ଭୁକ୍ତ କରାହେବ ଯାହା ଦ୍ୱାରା ରାଷ୍ଟ୍ରଗୁଡ଼ିକ ଚୁକ୍ତିନାମାର କାର୍ଯ୍ୟକାରିତା ସମ୍ବନ୍ଧରେ ଅଧିକ ହୃଦୟଙ୍ଗମ କରିପାରିବେ ଓ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ରହିଥିବା ପ୍ରତିବନ୍ଧକ ବିଷୟରେ ଅଧିକ ଶିକ୍ଷା କରିପାରିବେ ।

୩- ରାଷ୍ଟ୍ରଗୁଡ଼ିକ ଏହି ତଥ୍ୟ ସରବରାହ ନିମନ୍ତେ ଦାୟୀ ରହିବେ ଏବଂ ସେମାନେ ନିଶ୍ଚିତ ହେବେ ଯେ, ଏହା ବ୍ରେଲ୍ କିମ୍ବା ସହଜ ପଠନ (Easy-to- read) ପରି ଗୋଟିଏ ଢ଼ାଞ୍ଚାରେ ରହିବ । ଏହା ଫଳରେ ସେଥିରେ ଅକ୍ଷମତାଯୁକତ ବ୍ୟକ୍ତିମାନଙ୍କର ପ୍ରବେଶ ଅଧିକାର ରହିପାରିବ ।

**ଧାରା : ୩୨ ଆନ୍ତର୍ଜାତିକ ସହଯୋଗିତା**

ରା ଷ୍ଟ୍ରଗୁଡ଼ିକ ସମ୍ମତ ହୋଇଛନ୍ତି ଯେ, ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେମାନେ ଏକତ୍ରିତ ଭାବରେ କାର୍ଯ୍ୟକରିବା ନିମନ୍ତେ ନିଶ୍ଚିତ ହେବେ । ଏହା ସେମାନଙ୍କପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଶେଷତଃ ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅନୁଷ୍ଠାନ ସହିତ ଏକତ୍ରିତ ଭାବେ କାର୍ଯ୍ୟ କରିବା ପାଇଁ ସେମାନେ ପଦକ୍ଷେପ ନେବେ ।

କ) ସେମାନେ ନିଶ୍ଚିତ ହେବେ ଯେ, ବିକାଶ ନିମନ୍ତେ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଗୁଡ଼ିକରେ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କୁ ସାମିଲ କରାଯାଇଛି ଏବଂ ପ୍ରବେଶ ଅଧିକାର ଦିଆଯାଇଛି ।

ଖ) ନିଶ୍ଚତ ହେବେ ଯେ ତଥ୍ୟ ସରବରାହ, ଅନୁଭୂତି, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ସର୍ବୋତ୍ତମ ପ୍ରଥା ଗୁଡ଼ିକରେ ଅଂଶ ଗ୍ରହଣ ମାଧ୍ୟମରେ ବ୍ୟକ୍ତିମାନଙ୍କୁ ଶିକ୍ଷିତ କରିବା ପାଇଁ ସେମାନେ ଏକତ୍ରିତ ଭାବେ କାର୍ଯ୍ୟ କରିବେ ।

ଗ) ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସମନ୍ୱୟତା ପାଇଁ ସେମାନେ ବନ୍ଦୋବସ୍ତ କରିବେ ।

ଘ) ନୂତନ ପ୍ରଯୁକ୍ତି ବିଦ୍ୟାରେ ଅଂଶ ଗ୍ରହଣ କରାଇ ସେମାନଙ୍କୁ ବୈଷୟିକ ଏବଂ ଅର୍ଥ ନୈତିକ ସହାୟତା ପ୍ରଦାନ କରିବେ ।

୨- ''ଯେହେତୁ ଅନ୍ୟ ରାଷ୍ଟ୍ରରୁ ସହାୟତା ମିଳୁନାହିଁ, ସେମାନେ ଚୁକ୍ତିନାମାଟିକୁ କାର୍ଯ୍ୟକାରୀ କରିପାରିବେ ନାହିଁ ''। ଏହି ମନ୍ତବ୍ୟ ଦେବାପାଇଁ ସରକାରଙ୍କୁ ଅନୁମତି ଦିଆଯିବ ନାହିଁ ।

**ଧାରା ୩୩ : ଜାତୀୟ କାର୍ଯ୍ୟ ସଂପାଦନ ଓ ନିୟମିତ ପର୍ଯ୍ୟବେକ୍ଷଣ :**

୧- ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ସରକାରୀ ସ୍ତରରେ ଅନ୍ତତଃ ଗୋଟିଏ ପଦବୀ ରହିବ,ଯେ କି ଏହି ଚୁକ୍ତିନାମାଟି ପ୍ରକୃତରେ କାର୍ଯ୍ୟକାରୀ ହେଉଛି ବୋଲି ତାହା ନିଶ୍ଚିତ ହେବା ଦିଗରେ ଦାୟୀ ରହିବେ ।

୨- ରାଷ୍ଟ୍ରଗୁଡ଼ିକ ନିଶ୍ଚିତ ହେବେ ଯେ, ସରକାରୀ ସ୍ତରରେ ପ୍ରତ୍ୟେକ ରାଷ୍ଟ୍ରଙ୍କ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ସୃଷ୍ଟି କରିବେ, ଯେ କି ଚୁକ୍ତିନାମାଟି କିପରି ଭାବରେ କାର୍ଯ୍ୟ କରୁଅଛି ତାହା ତଦାରଖ କରିବେ ।

୩- ରାଷ୍ଟ୍ରଟି କିପରି ଭାବରେ ଏହି ଚୁକ୍ତିନାମାଟିକୁ କାର୍ଯ୍ୟକାରୀ କରୁଛି ତାହାକୁ ବେସରକାରୀ ଅନୁଷ୍ଠାନ ବିଶେଷତଃ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଓ ସେମାନଙ୍କର ସଂଗଠନ ଗୁଡ଼ିକ ଏହାର ତତ୍ତ୍ୱାବଧାନ ନିମନ୍ତେ ସଂପୃକ୍ତ ହେବେ ।

**ଧାରା :୩୪ ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କ ଅଧିକାର ନିମନ୍ତେ କମିଟି :**

୧- ଅକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ସମ୍ବନ୍ଧରେ ଏକ କମିଟି ଗଠନ କରାଯିବ ।

୨- ଏହି ଚୁକ୍ତିମାନା ଯେତେବେଳେ ଆଇନ୍‌ରେ ପରିଣତ ହେବ ସେତେବେଳେ ଏହି କମିଟିରେ ବାରଜଣ (୧୨) ବିଶେଷଜ୍ଞ ରହିବେ । ଷାଠିଏ (୬୦)ରୁ ଅଧିକ ରାଷ୍ଟ୍ର ଏହି ଚୁକ୍ତିନାମା ସହିତ ସମ୍ମତ ହେଲେ ଅତିକମ୍‌ରେ ଆଉ ଛଅ ଜଣ ବିଶେଷଜ୍ଞ ଏଥିରେ ଯୋଗଦେବେ ଏବଂ ସେଥିରେ ସର୍ବାଧିକ ଅଠର (୧୮) ଜଣ ସଭ୍ୟ ରହିପାରିବେ ।

୩- କମିଟିର ସଭ୍ୟମାନେ ବ୍ୟକ୍ତି ବିଶେଷ ଭାବେ ସେବା କରିବେ। ସେମାନେ ଉଚ୍ଚ କୋଟୀର ଆଚରଣ ବିଧିରେ ନିପୁଣ ଓ ବିଶେଷଜ୍ଞ କିମ୍ବା ବାଧକତା ସମ୍ବନ୍ଧରେ ଅଭିଜ୍ଞ ହୋଇଥିବେ ।

୪- ରାଷ୍ଟ୍ରଗୁଡିକ କମିଟିର ସଭ୍ୟମାନଙ୍କୁ ନିର୍ବାଚିତ କରିବେ । ସେମାନେ ନିଶ୍ଚିତ ହେବେ ଯେ, ସଭ୍ୟମାନେ ସାରା ବିଶ୍ୱରୁ ନିର୍ବାଚିତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରେ ବିଭିନ୍ନ ଆଇନ୍ ପରିସରରୁ ପୁରୁଷ, ମହିଳା ଏବଂ ଅକ୍ଷମତାଯୁକ୍ତ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ।

୫- ଯେତେବେଳେ ରାଷ୍ଟ୍ରଗୁଡିକ କୌଣସି ସମ୍ମିଳନୀରେ ଏକତ୍ରିତ ହେବେ, ସେମାନେ ଗୁପ୍ତଭୋଟରେ କମିଟିର ସଭ୍ୟମାନଙ୍କୁ ନିର୍ବାଚିତ କରିବେ । ନିର୍ବାଚିତ ହେବାପାଇଁ କୌଣସି ବ୍ୟକ୍ତିଙ୍କୁ ନିଶ୍ଚିତଭାବେ ସର୍ବାଧିକ ସଂଖ୍ୟକ ଭୋଟ ପାଇବାକୁ ହେବ ।ଆଉ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ଥିବା ଅର୍ଦ୍ଧାଧିକ ବ୍ୟକ୍ତି ନିଶ୍ଚିତ ଭାବେ ତାଙ୍କୁ ଭୋଟ ଦେଇଥିବେ ।

୬- ଚୁକ୍ତିଟି ଆଇନରେ ପରିଣତ ହେବାର ଛଅମାସ ମଧ୍ୟରେ ପ୍ରଥମ ନିର୍ବାଚନଟି କରାଯିବ । ଏହାପରେ ପ୍ରତ୍ୟେକ ନିର୍ବାଚନର ଚାରିମାସ ପୂର୍ବରୁ ମିଳିତ ଜାତିସଂଘର ସାଧାରଣ ସଂପାଦକ ରାଷ୍ଟ୍ରଗୁଡିକୁ ପତ୍ର ପ୍ରେରଣ କରିବେ ଏବଂ କମିଟି ନିମନ୍ତେ ଲୋକମାନଙ୍କର ନାମ ପ୍ରସ୍ତାବ କରିବାକୁ କହିବେ । ରାଷ୍ଟ୍ରଗୁଡିକ ଏହା କରିବା ପାଇଁ ଦୁଇମାସ ସମୟ ନେବେ ।

୭- କମିଟିର ସଭ୍ୟମାନେ ଚାରିବର୍ଷ ପାଇଁ କାର୍ଯ୍ୟ କରିବେ । ସେମାନେ କେବଳ ଥରକପାଇଁ ପୁନଃ ନିର୍ବାଚିତ ହୋଇ ପାରିବେ । ପ୍ରଥମ ନିର୍ବାଚନ ପରେ କମିଟିର ଛଅଜଣ ସଭ୍ୟ କେବଳ ଦୁଇବର୍ଷ ପାଇଁ କାର୍ଯ୍ୟ କରିବେ ।

୮- ଯେତେବେଳେ ଅଧିକ ଛଅଜଣ ସଭ୍ୟ କମିଟିରେ ଯୋଗଦେବାପାଇଁ ସମୟ ଆସିବ ସେତେବେଳେ ସାଧାରଣ ନିର୍ବାଚନ ଦ୍ୱାରା ସେମାନେ ନିର୍ବାଚିତ ହେବେ ।

୯- ଯଦି କମିଟିର କୌଣସି ସଭ୍ୟ ମୃତ୍ୟୁବରଣ କରନ୍ତି କିମ୍ବା କମିଟି ପରିତ୍ୟାଗ କରନ୍ତି, ତାହାକୁ ମନୋନୀତ କରିଥିବା ରାଷ୍ଟ୍ର ଅବଶିଷ୍ଟ ସମୟ ପାଇଁ ଅନ୍ୟଜଣେ ବିଶେଷଜ୍ଞଙ୍କୁ ନିର୍ବାଚନ କରିବେ ।

୧୦ କମିଟି କିପରି କାର୍ଯ୍ୟ କରିବ ସେ ସମ୍ପର୍କରେ କମିଟି ନିଜର ନିୟମ ପ୍ରଣୟନ କରିବେ ।

୧୧- ମିଳିତ ଜାତି ସଂଘର ସାଧାରଣ ସମ୍ପାଦକ, କର୍ମଚାରୀ ଏବଂ କାର୍ଯ୍ୟାଳୟ ପାଇଁ ସ୍ଥାନ ଯୋଗାଇ ଦେବେ ଏବଂ ନିଶ୍ଚିତ ହେବେ ଯେ- କମିଟି ସୁଚାରୁ ରୂପେ କାର୍ଯ୍ୟ କରୁଛି ।

୧୨- କମିଟିର ସଭ୍ୟମାନେ ସେମାନଙ୍କର କାର୍ଯ୍ୟପାଇଁ ଭତ୍ତା ପାଇବେ ଏବଂ ତାର ପରିମାଣ ମିଳିତ ଜାତିସଂଘର ସାଧାରଣ ପରିଷଦ ସ୍ଥିର କରିବେ ।

୧୩- ମିଳିତ ଜାତିସଂଘର ଅନ୍ୟ ବିଶେଷଜ୍ଞମାନଙ୍କ ପରି ଏହି କମିଟିର ସଭ୍ୟମାନଙ୍କର ସମାନ ଅଧିକାର ରହିବ ।

**ଧାରା : ୩୫ ଅଂଶୀଦାର ରାଷ୍ଟ୍ରମାନଙ୍କର ବିବରଣୀ :**

ଚୁକ୍ତିନାମାଟି ନିୟମରେ ପରିଣତ ହୋଇ ସାରିବାର ଦୁଇବର୍ଷ ମଧ୍ୟରେ ପ୍ରତ୍ୟେକ ରାଷ୍ଟ୍ର ଏହି କମିଟିର ଅବଗତନିମନ୍ତେ ଏବଂ ବିବରଣୀ (Report) ଲେଖିବେ । ଚୁକ୍ତିନାମାଟିକୁ ସେମାନେ କିପରି କାର୍ଯ୍ୟକାରୀ କରୁଛନ୍ତି ସେ ବିଷୟରେ ରାଷ୍ଟ୍ରଗୁଡିକ ବିବରଣୀ ପ୍ରଦାନ କରିବେ ।

୨- ଏହାପରେ ପ୍ରତ୍ୟେକ ଦେଶ ଅନ୍ତତଃ ପ୍ରତି ଚାରିବର୍ଷରେ ଥରେ କମିଟିକୁ ବିବରଣୀ ପ୍ରଦାନ କରିବେ ।

୩- ବିବରଣୀରେ କଣ ଲିପିବଦ୍ଧ ହେବ ତାହା ସ୍ଥିର କରିବେ ।

୪- କୌଣସି ରାଷ୍ଟ୍ର ପ୍ରଥମଥର ବିବରଣୀ ଲେଖି ସାରିବା ପରେ ପରବର୍ତ୍ତୀ ବିବରଣୀ ଗୁଡ଼ିକରେ ପ୍ରଥମ ବିବରଣୀର ତଥ୍ୟଗୁଡ଼ିକର ପୁନରାବୃତ୍ତି କରିବେ ନାହିଁ । ରାଷ୍ଟ୍ରଗୁଡ଼ିକ ସେମାନଙ୍କର ବିବରଣୀ ଗୁଡ଼ିକୁ ଖୋଲାଖୋଲି ଭାବରେ ଏବଂ ଅକ୍ଷମତା ଯୁକ୍ତ ବ୍ୟକ୍ତି ଓ ସେମାନଙ୍କର ସଂସ୍ଥାଗୁଡ଼ିକ ସହିତ ପରାମର୍ଶ କରି ଲେଖିବା ପାଇଁ ସୁପାରିଶ୍ କରାଯାଇଛି ।

୫- ଚୁକ୍ତିନାମାଟିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଯେଉଁସବୁ ଅସୁବିଧା ଗୁଡ଼ିକ ହେଉଛି, ରାଷ୍ଟ୍ରମାନେ ସେଗୁଡ଼ିକୁ ବିବରଣୀରେ ଉଲ୍ଲେଖ କରିବେ ।

**ଧାରା ୩୬ : ବିବରଣୀ ଗୁଡ଼ିକର ସମୀକ୍ଷା :**

ଏହି କମିଟ ବିବରଣୀ ପାଇସାରିବା ପରେ : ତାହାକୁ ସମୀକ୍ଷା କରିବେ, ତାହା ଉପରେ ମନ୍ତବ୍ୟ ଦେବେ ଏବଂ ସୁପାରିଶ୍ କରିବେ :

ବିବରଣୀ ଦାଖଲ କରିଥିବା ରାଷ୍ଟ୍ର ଉଦ୍ଦେଶ୍ୟରେ ଏହି ମନ୍ତବ୍ୟ ଏବଂ ସୁପାରିଶ୍ ଗୁଡ଼ିକୁ ପଠାଇବେ, ଏହାପରେ ସେହି ରାଷ୍ଟ୍ର କମିଟିକୁ ଅଧିକ ତଥ୍ୟ ପ୍ରେରଣ କରିବେ,

ଯଦି ଆବଶ୍ୟକ ହୁଏ, ତେବେ ଆହୁରି ଅଧିକ ତଥ୍ୟ ପ୍ରଦାନ କରିବାକୁ କୁହାଯିବ ।

୨- ଯଦି କୌଣସି ରାଷ୍ଟ୍ର ବିବରଣୀ ଦାଖଲ କରିବାରେ ଅତି ବିଳମ୍ବ କରନ୍ତି ତେବେ କମିଟି :

- ❑ ରାଷ୍ଟ୍ରଟି ବିଳମ୍ବ କରିଛି ବୋଲି ଦର୍ଶାଇ ଦେବେ
- ❑ ଯଦି ତିନିମାସ ପରେ ମଧ୍ୟ ରାଷ୍ଟ୍ରଟି ବିବରଣୀ ପ୍ରଦାନ ନକରେ ତେବେ ଏହି କମିଟି ସେହି ରାଷ୍ଟ୍ରକୁ ଅବଗତ କରାଇ ଦେବେ ଯେ, ଚୁକ୍ତିନାମାଟିକୁ କିପରି ଭାବରେ କାର୍ଯ୍ୟରେ ପରିଣତ କରାଯାଉଛି ତାହାକୁ ପରୀକ୍ଷା କରିବା ପାଇଁ ସେହି ରାଷ୍ଟ୍ର ପରିଦର୍ଶନ ନିମନ୍ତେ ଏହାର (କମିଟିର) ଆବଶ୍ୟକତା ରହିଛି ।

୩- ସମସ୍ତ ରାଷ୍ଟ୍ର ପ୍ରତ୍ୟେକ ରାଷ୍ଟ୍ରର ବିବରଣୀ ମିଳିତ ଜାତି ସଂଘର ସାଧାରଣ ସମ୍ପାଦକଙ୍କଠାରୁ ପାଇବେ ।

୪- ରାଷ୍ଟ୍ରଗୁଡ଼ିକ ନିଜ ନିଜ ଦେଶରେ ଏହି ବିବରଣୀକୁ ସର୍ବ ସାଧାରଣରେ ପ୍ରକାଶ କରିବେ ଏବଂ ସେମାନଙ୍କର ମନ୍ତବ୍ୟ ତଥା ପ୍ରସ୍ତାବ ବିବରଣୀରେ ସ୍ଥାନିତ କରିବେ ।

୫- ଯଦି ଆବଶ୍ୟକ ପଡେ କୌଣସି ରାଷ୍ଟ୍ରର ବିବରଣୀକୁ କମିଟି ମିଳିତ ଜାତିସଂଘ ଅନ୍ତର୍ଗତ ଅନ୍ୟ ବିଭାଗ ଗୁଡ଼ିକୁ (Agency) ପଠାଇ ପାରିବେ, ଯାହାଫଳରେ ସେମାନେ ସେହି ରାଷ୍ଟ୍ରକୁ ବୈଷୟିକ ସାହାଯ୍ୟ କରିପାରିବେ

**ଧାରା :୩୭ ଅଂଶୀଦାର ରାଷ୍ଟ୍ର ଓ କମିଟି ମଧ୍ୟରେ ସହଯୋଗିତ :**

୧- ପ୍ରତ୍ୟେକ ରାଷ୍ଟ୍ର କମିଟି ସହିତ ଏକତ୍ରିତ ଭାବେ କାର୍ଯ୍ୟ କରିବେ ଏବଂ ସେମାନଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ ।

୨- ରାଷ୍ଟ୍ରଗୁଡ଼ିକ ସହିତ କାର୍ଯ୍ୟକରିବା ସମୟରେ ସେମାନେ ଯେ, ଚୁକ୍ତିନାମାଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅଧିକ ପରିମାଣରେ ପ୍ରସ୍ତୁତ ହୋଇଛନ୍ତି ଏହା ନିଶ୍ଚିତ ହେବା ନିମନ୍ତେ କମିଟି ମଧ୍ୟ ଭିନ୍ନ ଭିନ୍ନ ମାର୍ଗ ସ୍ଥିର କରିବେ ।

**ଧାରା ୩୮ : କମିଟି ସହିତ ଅନ୍ୟ ସଂସ୍ଥା ଗୁଡ଼ିକର ସମ୍ପର୍କ :**

ଚୁକ୍ତିନାମାଟି କାର୍ଯ୍ୟରେ ପରିଣତ ହୋଇଛି ବୋଲି ନିଶ୍ଚିତ ହେବା ଏବଂ ରାଷ୍ଟ୍ରଗୁଡ଼ିକୁ ମିଳିତ ଭାବରେ କାର୍ଯ୍ୟ କରିବା ଦିଗରେ ଉତ୍ସାହିତ କରିବା ନିମନ୍ତେ :

କ) କମିଟି ଯେତେବେଳେ ବିଭିନ୍ନ ସଂସ୍ଥା କାର୍ଯ୍ୟ କରୁଥିବା ବିଷୟ (ସମସ୍ୟା) ଗୁଡିକ ଉପରେ ଆଲୋଚନା କରୁଥିବେ ସେତେବେଳେ କମିଟିର ସେହି ସମ୍ମିଳନୀ ଗୁଡିକରେ ସେହି ସଂସ୍ଥାମାନେ ସାମିଲ ହୋଇ ପାରିବେ ।

ଯେତେବେଳେ ସଂସ୍ଥା ଗୁଡିକର ବିଶେଷ ଜ୍ଞାନର ଆବଶ୍ୟକ ପଡେ ସେତେବେଳେ କମିଟି ସେମାନଙ୍କୁ ସଭାସ୍ଥଳିକୁ ନିୟନ୍ତ୍ରଣ କରିବେ । ରାଷ୍ଟ୍ରଗୁଡିକ ଚୁକ୍ତିନାମାଟିକୁ କିପରିଭାବରେ କାର୍ଯ୍ୟକାରୀ କରୁଛନ୍ତି । ସେ ସମ୍ବନ୍ଧରେ ନିଜ ନିଜର ବିବରଣୀ ଦେବାପାଇଁ କମିଟି ଏହି ସଂସ୍ଥାମାନଙ୍କୁ ମଧ୍ୟ କହି ପାରନ୍ତି ।

ଖ) ଅନ୍ୟାନ୍ୟ ମାନବ ଅଧିକାର ଚୁକ୍ତି ଗୁଡିକୁ ରାଷ୍ଟ୍ରଗୁଡିକ କିପରି ଭାବରେ କାର୍ଯ୍ୟରେ ପରିଣତ କରୁଛନ୍ତି ତାହା ଦେଖିବା ପାଇଁ ଆଉ ସାତଗୋଟି କମିଟି ରହିଛି ଯଥା: ମହିଳା, ଶିଶୁ ସମ୍ବନ୍ଧୀୟ ଚୁକ୍ତିନାମା ଇତ୍ୟାଦି । ଅନ୍ୟ କମିଟି ଗୁଡିକ ସେମାନଙ୍କର କାର୍ଯ୍ୟ ଗୁଡିକର ପୁନରାବୃତ୍ତି କରୁନାହାନ୍ତି, ଏହା ନିଶ୍ଚିତ ହେବା ପାଇଁ କମିଟି ସେମାନଙ୍କ ସହିତ ଆଲୋଚନା କରିବେ, ପୁନଶ୍ଚ କମିଟି ନିଶ୍ଚିତ ହେବେ ଯେ ଚୁକ୍ତିନାମାଟିକୁ କିପରି ଭାବରେ ସର୍ବୋତ୍ତମ ଭାବେ କାର୍ଯ୍ୟରେ ପରିଣତ କରାଯାଇ ପାରିବ ଏ ସମ୍ବନ୍ଧରେ ରାଷ୍ଟ୍ରଗୁଡିକୁ ଉପଦେଶ ଦେବା ସମୟରେ କମିଟି ସେଥିରେ ନିଶ୍ଚିତ ହେବେ ଯେ, ସେମାନେ ଅପରିବର୍ତ୍ତନ ଶୀଳ ରହିଛନ୍ତି ।

**ଧାରା ୩୯ : କମିଟିର ବିବରଣୀ :**

କମିଟି ପ୍ରତି ଦୁଇବର୍ଷରେ ସାଧାରଣ ସଭାରେ ଏବଂ ଅର୍ଥନୈତିକ ଏବଂ ସାମାଜିକ ପରିଷଦରେ ତାଙ୍କର ବିବରଣୀ ଦାଖଲ କରିବେ । ସେମାନଙ୍କୁ ପ୍ରାପ୍ତ ହୋଇଥିବା ବିବରଣୀ ଗୁଡିକୁ ଆଧାରକରି କମିଟି ତାହାର ମତାମତ ଦେବେ ଏବଂ ସୁପାରିଶ୍ କରିବେ ।

**ଧାରା ୪୦ ଅଂଶୀଦାରୀ ରାଷ୍ଟ୍ରଗୁଡିକର ସମ୍ମିଳନୀ :**

୧– ଚୁକ୍ତି ନାମାଗୁଡିକ କାର୍ଯ୍ୟକାରୀ କରିବା ସଂପର୍କୀତ ବିଷୟ ଏବଂ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ନିମନ୍ତେ ରାଷ୍ଟ୍ରଗୁଡିକ ନିୟମିତ ଭାବେ ସମ୍ମିଳିତ ହେବେ।

୨– ଚୁକ୍ତିନାମାଟି ଆଇନରେ ପରିଣତ ହେବାର ଛଅମାସ ମଧ୍ୟରେ ମିଳିତ ଜାତି ସଂଘର ସାଧାରଣ ସଂପାଦକ ପ୍ରଥମ ସମ୍ମିଳନୀ ଡାକିବେ । ଏହାପରେ ପ୍ରତି ଦୁଇବର୍ଷରେ କିମ୍ବା ରାଷ୍ଟ୍ରଗୁଡିକ ଯାହା ସ୍ଥିର କରିବେ ସେହି ଅନୁଯାୟୀ ସମ୍ମିଳନୀ ଡକାଇବେ

**ଧାରା ୪୧ : ମାଲିକାନା ସତ୍ତ୍ୱ :**

ଚୁକ୍ତିନାମାଟିକୁ ମିଳିତ ଜାତିସଂଘର ସାଧାରଣ ସଂପାଦକଙ୍କ ନିକଟରେ ଦାଖଲ କରା ହେବ ।

**ଧାରା ୪୨ : ଦସ୍ତଖତ** : (ସତ୍ତକ) ମାର୍ଚ୍ଚ ୩୦, ୨୦୦୭ ରେ ହୋଇଥିବା ଚୁକ୍ତିନାମାଟି ନ୍ୟୁୟର୍କସ୍ଥିତ ମିଳିତ ଜାତିସଘଂର ମୁଖ୍ୟ ପ୍ରସାଦରେ ରାଷ୍ଟ୍ରଗୁଡିକର ଦସ୍ତଖତ ନିମନ୍ତେ ଚୁକ୍ତିନାମାଟି ଉନ୍ମୁକ୍ତ ରହିବ ।

**ଧାରା ୪୩ : ଘନିଷ୍ଠ ସମ୍ପର୍କ ପାଇଁ ସମ୍ମତି :**

ଯେଉଁ ରାଷ୍ଟ୍ରଗୁଡିକ ସିଧା ସଳଖଭାବେ ଏହି ଚୁକ୍ତିନାମାରେ ଦସ୍ତଖତ କରିଛନ୍ତି ସେମାନେ ଏହାକୁ ''ଅନୁମୋଦନ'' କରିବେ, ଅର୍ଥାତ୍ ସେମାନଙ୍କର ଜାତୀୟ ସରକାର ଏହି ଚୁକ୍ତିନାମାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଦାୟିତ୍ୱ ଗ୍ରହଣ କରିବେ । ଯଦି କୌଣସି ରାଷ୍ଟ୍ର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରି ନଥାଆନ୍ତି ସେମାନେ ଏହି ଚୁକ୍ତିନାମା ସହିତ ''ଏକମତ'' ହେବେ ଅର୍ଥାତ୍ ସେମାନେ ଏଥିରେ ପରେ ଯୋଗ ଦେବେ,

**ଧାରା :୪୪ ଆଞ୍ଚଳିକ ସମନ୍ୱିତ ସଂଗଠନ :**

ଆଞ୍ଚଳିକ ସମନ୍ୱିତ ସଂଗଠନ ହେଉଛି ଏକ ସଂସ୍ଥା ଯାହା ଏକ ଅଞ୍ଚଳରେ ଥିବା କେତେକ ରାଷ୍ଟ୍ରକୁ ନେଇ ଗଠିତ । ରାଷ୍ଟ୍ରଗୁଡିକ ଚୁକ୍ତିନାମରେ ସମ୍ପୃକ୍ତ ବିଷୟଗୁଡିକୁ ପରିଚାଳନା କରିବା ପାଇଁ ଏହି ଅନୁଷ୍ଠାନକୁ କ୍ଷମତା ଦିଆଯାଇଛି ।

୨- ଏହି ଚୁକ୍ତିନାମାରେ ବର୍ଣ୍ଣିତ ''ରାଷ୍ଟ୍ର ସମୂହ'' ଏହି ସଂସ୍ଥାଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବେ ।

୩- ଯେତେବେଳେ ଗଣାଯିବ ଯେ, କେତେଗୋଟି ରାଷ୍ଟ୍ର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି, ସେତେବେଳେ ଏହି ସଂସ୍ଥାଗୁଡ଼ିକୁ ଗଣାଯିବ ନାହିଁ ।

୪- ସମ୍ମିଳନୀ ସମୟରେ ଏହି ସଂସ୍ଥାଗୁଡ଼ିକ ମତଦାନ ଦେଇ ପାରିବେ ଏବଂ ସଂସ୍ଥାରେ ଯେତେଗୋଟି ରାଷ୍ଟ୍ରସାମିଲ ହୋଇଛନ୍ତି ସେମାନଙ୍କର ସେତେଗୋଟି ଭୋଟ ହେବ, ଏହି ସଂଗଠନରେ ସାମିଲ ହୋଇଥିବା କୌଣସି ରାଷ୍ଟ୍ର ଯଦି ନିଜେ ନିଜର ଭୋଟ ଦିଅନ୍ତି ସେ କ୍ଷେତ୍ରରେ ଏହି ସଂଗଠନ ଭୋଟ ଦେଇ ପାରିବେ ନାହିଁ ।

**ଧାରା : ୪୫ ପ୍ରଚଳିତ ପ୍ରବେଶ ନିୟମ**

୧- ଅନ୍ତତଃ କୋଡ଼ିଏ ଗୋଟି ରାଷ୍ଟ୍ର ଏହି ଚୁକ୍ତିନାମାକୁ ଅନୁମୋଦନ କରିବା କିମ୍ବା ଏକମତ ହେବାର ୩୦ ତମ ଦିବସରେ ଚୁକ୍ତିନାମାଟି ଆଇନ୍‌ରେ ପରିଣତ ହେବ ।

୨. ତା ପରେ ରାଷ୍ଟ୍ରଗୁଡ଼ିକ ଯେତେବେଳେ ଏହି ଚୁକ୍ତିନାମାକୁ ଗ୍ରହଣ କରିବେ, ଏହି ଗ୍ରହଣ କରବାର ୩୦ ଦିନ ପରେ ଏହା ସେମାନଙ୍କ ନିମନ୍ତେ ଆଇନ୍ ହୋଇଯିବ ।

**ଧାରା ୪୬ ସଂରକ୍ଷଣ**

୧- ରାଷ୍ଟ୍ରଗୁଡ଼ିକ ସଂରକ୍ଷଣ କରିପାରିବେ । ଏହାର ଅର୍ଥ ହେଉଛି ଯେ, ଯେତେବେଳେ ସେମାନେ ଚୁକ୍ତିନାମାଟିକୁ ସ୍ୱାକ୍ଷର କରୁଛନ୍ତି ସେତେବେଳେ ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି କହିପାରିବେ ମାତ୍ର ଏହି ସଂରକ୍ଷଣ ଚୁକ୍ତିନାମାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁନଥିବ ।

୨- ଏହି ସଂରକ୍ଷଣଗୁଡ଼ିକୁ ଯେ କୌଣସି ସମୟରେ ପ୍ରତ୍ୟାହାର କରି ନିଆଯାଇ ପାରେ ।

**ଧାରା : ୪୭ ସଂଶୋଧନ**

୧- ଯେ କୌଣସି ରାଷ୍ଟ୍ର ମିଳିତ ଜାତି ସଂଘର ସାଧାରଣ ସମ୍ପାଦକଙ୍କ ନିକଟରେ ଏହି ଚୁକ୍ତିନାମାର ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଇ ପାରିବେ । ତା ପରେ ସାଧାରଣ ସମ୍ପାଦକ ପ୍ରସ୍ତାବିତ ସଂଶୋଧନ ଗୁଡ଼ିକୁ ଅନ୍ୟ ରାଷ୍ଟ୍ରମାନଙ୍କୁ ପଠାଇବେ । ଯଦି ଚାରିମାସ ମଧ୍ୟରେ ଅନ୍ତତଃ ସମସ୍ତ ରାଷ୍ଟ୍ରର ଏକ-ତୃତୀୟାଂଶ ରାଷ୍ଟ୍ର ଏହି ସଂଶୋଧନ ଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଏକତ୍ରିତ ହେବାକୁ ଚାହିଁନ୍ତି, ତେବେ ସାଧାରଣ ସମ୍ପାଦକ ଏକ ସଭାର ଆୟୋଜନ କରିବେ ।

ସଭାରେ ଉପସ୍ଥିତ ଥିବା ଦ୍ୱି-ତୃତୀୟାଂଶ ରାଷ୍ଟ୍ର ଯଦି ଏହା ସପକ୍ଷରେ ଭୋଟ ଦିଅନ୍ତି, ତେବେ ସଂଶୋଧନ ପ୍ରସ୍ତାବଗୁଡ଼ିକ ଗ୍ରହଣ କରାହେବ, ଏହା ପରେ ସାଧାରଣ୍ ସମ୍ପାଦକ ଏହାକୁ ସ୍ୱୀକୃତି ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦରେ ଉପସ୍ଥାପନା କରିବେ ।

୨- ସାଧାରଣ ପରିଷଦ ଦ୍ୱାରା ଏହି ସଂଶୋଧନ ସ୍ୱୀକୃତି ପାଇବାପରେ ଯଦି ଦ୍ୱି-ତୃତୀୟାଂଶ ରାଷ୍ଟ୍ର ଏହାକୁ ଗ୍ରହଣ କରନ୍ତି ତେବେ ତାହାର ୩୦ ଦିନପରେ ଏହା ଆଇନ୍‌ରେ ପରିଣତ ହେବ ।

ଯଦି ରାଷ୍ଟ୍ରଗୁଡ଼ିକ ଏହି ସଂଶୋଧନ ପ୍ରସ୍ତାବ ଗୁଡ଼ିକୁ ଗ୍ରହଣ କରନ୍ତି, ତେବେ ତାହା ଗ୍ରହଣ କରିବାର ୩୦ ଦିନପରେ ଏହା ଆଇନ୍‌ରେ ପରିଣତ ହେବ, ଯେଉଁ ରାଷ୍ଟ୍ରଗୁଡ଼ିକ ଏହାକୁ ଗ୍ରହଣ କରିଛନ୍ତି କେବଳ ସେମାନଙ୍କ ପାଇଁ ଏହି ସଂଶୋଧନ ଗୁଡ଼ିକ ଆଇନ୍ ହୋଇଯିବ ।

୩- ଯଦି ଏହି ପ୍ରସ୍ତାବିତ ସଂଶୋଧନ କମିଟିର ବିବରଣୀ କିମ୍ବା କମିଟି ସମ୍ବନ୍ଧରେ ହୋଇଥାଏ, ତେବେ ସମସ୍ତ ରାଷ୍ଟ୍ରର ଦ୍ୱି-ତୃତିୟାଂଶ ରାଷ୍ଟ୍ରଦ୍ୱାରା ତାହା ଗୃହିତ ହେବାର ୩୦ ଦିନ ପରେ ଯେଉଁ ରାଷ୍ଟ୍ରଗୁଡ଼ିକୁ ଏହି ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି, କେବଳ ଯେ ସେମାନଙ୍କ ନିମନ୍ତ ତାହା ନୁହେଁ । ମାତ୍ର ଏହା ସମସ୍ତ ରାଷ୍ଟ୍ରନିମନ୍ତ ଆଇନ୍‌ରେ ପରିଣତ ହେବ ।

ଧାରା: ୪୮ ଦୋଷାରୋପ

ପରବର୍ତ୍ତୀ ସମୟରେ କୌଣସି ରାଷ୍ଟ୍ର ଏଥିରୁ ଅପସରି ଯାଇପାରନ୍ତି, ଏବଂ କହି ପାରନ୍ତି ଯେ, ଏହି ଚୁକ୍ତିନାମା ସହିତ ସେ ଆଉ ଏକମତ ନୁହନ୍ତି । ଏହା କରିବା ପାଇଁ ସେ ମିଳିତ ଜାତି ସଂଘର ସାଧାରଣ ସଂପାଦକଙ୍କ ନିକଟକୁ ଲିଖିତ ଆକାରରେ ତାହା ପ୍ରେରଣ କରିବେ । ଏହାର ବର୍ଷକପରେ ତାହା କାର୍ଯ୍ୟକାରୀ କରାଯାଇ ପାରିବ ।

ଧାରା ୪୯ : ସହଜ ବୋଧଗମ୍ୟ ପଦ୍ଧତି : (Accessible Format)

ଚୁକ୍ତିନାମାର ବିଷୟବସ୍ତୁ ବ୍ରେଲ୍ ଏବଂ ଅନ୍ୟ ପ୍ରଣାଳୀର ମାଧ୍ୟମରେ ପ୍ରସ୍ତୁତ କରାହେବ । ଏହା ଫଳରେ ସମସ୍ତ ବ୍ୟକ୍ତି ଏହାକୁ ପଠନ କରିପାରିବେ ଏବଂ ଉପଲବ୍ଧି କରିପାରିବେ ।

ଧାରା :୫୦ ପ୍ରକୃତ ଦଲିଳ

ଚୁକ୍ତିନାମାଟି ଆରବୀୟ ଭାଷା, ଚୀନ ଭାଷା, ଇଂରାଜୀ, ଫରାସୀ, ରୁଷୀୟ ଏବଂ ସ୍ପେନୀୟ ଭାଷାରେ ସମାନ ଭାବରେ ମୂଳ ଦଲିଲ ହୋଇ ରହିବ ।

ଇଚ୍ଛାଧୀନ ସର୍ତ୍ତାବଳୀ :(Optional Protocal)

ଅକ୍ଷମତା ଯୁକ୍ତ ବ୍ୟକ୍ତିମାନଙ୍କର ଅଧିକାର ଉପରେ ହୋଇଥିବା ସମ୍ମିଳନୀରେ ଇଚ୍ଛାଧୀନ ସର୍ତ୍ତକୁ (ଚୁକ୍ତିନାମା ଅନୁସାରେ ସମାନ ସମୟରେ ପାଳନ କରାଯିବ) ଯେଉଁ ରାଷ୍ଟ୍ରମାନେ ସମ୍ମତି ପ୍ରଦାନ କରିଛନ୍ତି ସେମାନେ ଏକମତ ଯେ :

ଧାରା ୧:

୧- ଚୁକ୍ତିନାମା ଅନ୍ତର୍ଗତ ଅଧିକାର ଗୁଡିକର ବ୍ୟତିକ୍ରମ ସମ୍ବନ୍ଧରେ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ ଗୁଡିକଠାରୁ ଅଭିଯୋଗ ହୋଇଥିଲେ ସେଗୁଡିକୁ ଗ୍ରହଣ କରିବା ଏବଂ ସମୀକ୍ଷା କରିବା ନିମନ୍ତେ କମିଟିକୁ କ୍ଷମତା ପ୍ରଦାନ କରାଯିବ ।

୨- ଯେଉଁ ରାଷ୍ଟ୍ରଗୁଡିକ ଏହି ସର୍ତ୍ତାବଳୀ ସହିତ ଏକମତ, କମିଟି କେବଳ ସେହି ରାଷ୍ଟ୍ରଗୁଡିକଠାରୁ ପାଇଥିବା ଅଭାଯୋଗଗୁଡିକ ଉପରେ ପଦକ୍ଷେପ ନେବେ ।

ଧାରା ୨ :

କମିଟି ଅଭିଯୋଗ ଗୁଡିକୁ ଗ୍ରହଣ କରିବେ ନାହିଁ । ଯଦି :

କ) ସେଗୁଡିକ କାହାଠାରୁ ଆସିଛି ତାହା ଜଣାପଡେନାହିଁ

ଖ) ସେଗୁଡିକ ଚୁକ୍ତିନାମା ସହିତ ଖାପ୍ ଖାଉନଥାଏ

ଗ) ଏହିପରି ସମାନ ପରିସ୍ଥିତି ସମ୍ବନ୍ଧରେ ପୂର୍ବରୁ ବିଧିବଦ୍ଧ ତଦନ୍ତ ହୋଇସାରିଛି । ଏହି ସମାନ ପରିସ୍ଥିତି ଅନ୍ୟ ସଂସ୍ଥାଦ୍ୱାରା ବିଧିବଦ୍ଧ ତଦନ୍ତ ହେଉଅଛି ।

ଘ) ଅଭିଯୋଗ କରିଥିବା ବ୍ୟକ୍ତିମାନେ ସେମାନଙ୍କର ସ୍ୱଦେଶୀୟ ପଦ୍ଧତି ସଂପୂର୍ଣ୍ଣ ଭାବରେ ବ୍ୟବହାର କରିନାହାଁନ୍ତି ମାତ୍ର ସ୍ୱଦେଶୀୟ ପ୍ରଣାଳୀ ଯଦି ଅଧିକ ଦୀର୍ଘ ସୂତ୍ରୀ ହୋଇଥାଏ, ତେବେ ଅଭିଯୋଗଟିକୁ ସମୀକ୍ଷା କରାଯିବ ।

ଙ) ଅଭିଯୋଗଟି ଭିତ୍ତିହୀନ ଓ ତାହାର କୌଣସି ପ୍ରମାଣ ନାହିଁ ।

ଚ) ସର୍ତ୍ତାବଳୀ ଆଇନ୍ ହେବା ପୂର୍ବରୁ ଅଭିଯୋଗ ସମ୍ପର୍କିତ ଘଟଣା ଘଟିଥାଏ

ଧାରା ୩ :

ଯଦି ଅଭିଯୋଗଟିକୁ ଗ୍ରହଣ କରାଯାଏ ତେବେ କମିଟି ଏହାକୁ ଗୁପ୍ତଭାବରେ ସଂପୃକ୍ତ ରାଷ୍ଟ୍ରକୁ ପଠାଇବେ । ଛଅମାସ ମଧ୍ୟରେ ସେହି ରାଷ୍ଟ୍ର ଏହାକୁ ଉତ୍ତର ଦେବେ ଏବଂ ଏହାର କଣ ସମାଧାନ କଲେ ତାହା ଉଲ୍ଲେଖ କରିବେ ।

ଧାରା -୪

କମିଟି କୌଣସି ଅଭିଯୋଗ ପାଇବାପରେ ଯଦି ଏଥିରେ ଅଭିଯୋଗକାରୀ ସ୍ଥାୟୀ ଭାବରେ ଆଘାତ ପାଇବାର ଆଶଙ୍କା ଥାଏ, ତେବେ କମିଟି ସଂପୃକ୍ତ ରାଷ୍ଟ୍ରକୁ ତତ୍‌କ୍ଷଣାତ୍ ପଦକ୍ଷେପ ନେବାପାଇଁ କହିପାରନ୍ତି ।

୨- ଯଦି କମିଟି କୌଣସି ରାଷ୍ଟ୍ରକୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସ୍ଥିର କରନ୍ତି, ଏହାର ଅର୍ଥ ନୁହେଁ ଯେ, ଏହି କାର୍ଯ୍ୟଟିର ସଫଳ ସମାଧାନ ହୋଇଛି ।

ଧାରା :୫ :

ଅଭିଯୋଗ ଗୁଡ଼ିକୁ ପରୀକ୍ଷା କରିବା ସମୟରେ କମିଟି ଗୁପ୍ତଭାବରେ ମିଳିତ ହେବେ । ଏହାକୁ ପରୀକ୍ଷା କରି ସାରିବା ପରେ ଯଦି ଆବଶ୍ୟକ ପଡେ ତେବେ କମିଟି ସଂପୃକ୍ତ ରାଷ୍ଟ୍ର ଏବଂ ଅଭିଯୋଗ କରିଥିବା ବ୍ୟକ୍ତି (ମାନ)ଙ୍କ ନିକଟକୁ ତାଙ୍କର ପ୍ରସ୍ତାବ ଏବଂ ସୁପାରିଶ୍ ଗୁଡ଼ିକୁ ପଠାଇ ଦେବେ ।

ଧାର ୬ :

ଯଦି ଚୁକ୍ତିନାମାରେ ଥିବା ଅଧିକାର ଗୁଡ଼ିକର ଗୁରୁତର ଓ ବ୍ୟାପକ ବିରୁଦ୍ଧାଚରଣ ହୋଇଛି ବୋଲି କମିଟି ନିର୍ଭରଯୋଗ୍ୟ ତଥ୍ୟ ପାଆନ୍ତି ତେବେ ତଥ୍ୟର ସମୀକ୍ଷା ଏବଂ ଏହା ଉପରେ ମତାମତ ଦେବାର ଅଂଶ ଗ୍ରହଣ କରିବା ପାଇଁ କମିଟି ସଂପୃକ୍ତ ରାଷ୍ଟ୍ରକୁ ନିୟନ୍ତ୍ରଣ କରିବେ ।

୨- ଏଥିରେ ନ୍ୟସ୍ତଥିବା ସମସ୍ତ ତଥ୍ୟ ଗୁଡ଼ିକୁ ସମୀକ୍ଷା କରିବା ପରେ କମିଟି ତାହାର ସଭ୍ୟମାନଙ୍କ ମଧ୍ୟରୁ ଜଣେ କିମ୍ବା ଏକାଧିକ ସଭ୍ୟଙ୍କୁ ଏହି ବିଷୟରେ ଶୀଘ୍ର ଅନୁସନ୍ଧାନ କରିବା ପାଇଁ ସ୍ଥିର କରିବେ । ଯଦି ଆବଶ୍ୟକ ହୁଏ ଏବଂ ଯଦି ସଂପୃକ୍ତ ରାଷ୍ଟ୍ର ଏକମତ ହୁଅନ୍ତି ତେବେ କମିଟି ସେ ରାଷ୍ଟ୍ରକୁ ପରିଦର୍ଶନ କରି ସିଧା ସାଳଖ ଭାବରେ ଅନୁସନ୍ଧାନ କରିବେ ।

୩- କମିଟି ସଂପୃକ୍ତ ରାଷ୍ଟ୍ରକୁ ଅନୁସନ୍ଧାନର ଫଳାଫଳ ଏବଂ ତାହାର ସୁପାରିଶ୍ ଗୁଡ଼ିକୁ ଜଣାଇ ଦେବେ ।

୪- ଛଅମାସ ମଧ୍ୟରେ ସଂପୃକ୍ତ ରାଷ୍ଟ୍ର ଫଳାଫଳ ଉପରେ ତାହାର ମତ କମିଟକୁ ଜଣାଇବେ ।

୫- ଅନୁସନ୍ଧାନଟି ଗୁପ୍ତଭାବରେ କରାହେବ ଏବଂ ଏହି ପ୍ରକ୍ରିୟାରେ ସଂପୃକ୍ତ ରାଷ୍ଟ୍ରକୁ ସହଯୋଗ କରିବା ପାଇଁ କୁହାଯିବ ।

ଧାରା ୭:

ଅନୁସନ୍ଧାନ ଉପରେ ଯାହା ପଦକ୍ଷେପ ନିଆଯାଇଛି, କମିଟି ସଂପୃକ୍ତ ରାଷ୍ଟ୍ରକୁ ନିଜ ବିବରଣୀରେ ଉଲ୍ଲେଖ କରିବା ପାଇଁ କହିପାରନ୍ତି ।

୨- ଯଦି ଏକମାସ ମଧ୍ୟରେ ସଂପୃକ୍ତ ରାଷ୍ଟ୍ର ଉତ୍ତର ଦେଇ ନଥାଆନ୍ତି ତେବେ ଆବଶ୍ୟକ ହେଲେ କମିଟି ଅନୁସନ୍ଧାନର ଫଳାଫଳ ଉପରେ ମତାମତ ଦେବାକୁ ତାହାକୁ କହିପାରନ୍ତି ।

ଧାରା ୮

ଧାରା ୬ ଏବଂ ୭ରେ ଆଲୋଚିତ ହୋଇଥିବା ପରିସ୍ଥିତି ନିମନ୍ତେ କମିଟିକୁ କ୍ଷମତା ପ୍ରଦାନ କରାଯାଇନାହିଁ ବୋଲି ଏହି ସର୍ତ୍ତାବଳୀ ସହିତ ଏକମତ ହୋଇଥିବା ପ୍ରତ୍ୟେକ ରାଷ୍ଟ୍ରକୁ ଏହା ବ୍ୟକ୍ତ କରିବା ପାଇଁ ଅନୁମତି ଦିଆଯାଇଛି ।

ଧାରା ୯ :

ଏହି ସର୍ତ୍ତାବଳୀଟିକୁ ମିଳିତ ଜାତିସଂଘର ସାଧାରଣ ସମ୍ପାଦକଙ୍କ ନିକଟରେ ଦାଖଲ କରିବାକୁ ହେବ ।

ଧାରା ୧୦ :

୨୦୦୭ ମସିହା ମାର୍ଚ୍ଚମାସ ୩୦ ତାରିକ ଦିନ ନ୍ୟୁୟର୍କ ସ୍ଥିତି ମିଳିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାକ୍ଷର (ଦସ୍ତଖତ) ନିମନ୍ତେ ଏହି ଚୁକ୍ତିନାମାଟିକୁ ଉନ୍ମୁକ୍ତ ରଖାଯିବ ।

ଧାରା :୧୧

ଯେଉଁ ରାଷ୍ଟ୍ରଗୁଡ଼ିକ ଏହି ଚୁକ୍ତିନାମାଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକମତ, ସେମାନେ ଏହି ସର୍ତ୍ତାବଳୀରେ ଦସ୍ତଖତ କରିବେ ଏବଂ ନିଜ ନିଜ ରାଷ୍ଟ୍ରରେ ନିଶ୍ଚିତଭାବରେ ଏହାକୁ ଅନୁମୋଦନ କରାଇବେ ।

ଧାରା –୧୨

୧– ଆଞ୍ଚଳିକ ସମନ୍ୱିତ ସଂଗଠନ (Regional integration Organisation) ହେଉଛି ବିଭିନ୍ନ ରାଷ୍ଟ୍ରଗୁଡ଼ିକରେ ଥିବ ଏମନି ଏକ ସଂସ୍ଥା ଯାହାକୁ ଏହି ରାଷ୍ଟ୍ରଗୁଡ଼ିକ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ପଦକ୍ଷେପ ନେବା ପାଇଁ କ୍ଷମତା ପ୍ରଦାନ କରିଛନ୍ତି ।

୨– ''ସର୍ତ୍ତାବଳୀ ସହିତ ଏକମତ ହୋଇଥିବା ରାଷ୍ଟ୍ରଗୁଡ଼ିକ'' ବୋଲି ଏହି ସର୍ତ୍ତାବଳୀରେ ଯେତେବେଳେ ଉଲ୍ଲେଖ ରହିଥାଏ, ଏହା ଆଞ୍ଚଳିକ ସମନ୍ୱିତ ସଂଗଠନ ଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

୩– ଯେତେବେଳେ କେତେଗୋଟି ରାଷ୍ଟ୍ର ଏହି ସର୍ତ୍ତାବଳୀରେ ଦସ୍ତଖତ କରିଛନ୍ତି ବୋଲି ଗଣନା କରାଯିବ, ସେତେବେଳେ ଏହି ଆଞ୍ଚଳିକ ସମନ୍ୱିତ ସଂଗଠନ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

୪ ସମ୍ମିଳନୀ ସମୟରେ ଏହି ସଂଗଠନ ଗୁଡ଼ିକ ଭୋଟ ଦେଇ ପାରିବେ ଏବଂ ଏହି ସଂଗଠନ ଅଧୀନରେ ଯେତେଗୋଟି ରାଷ୍ଟ୍ର ରହିଛନ୍ତି ଭୋଟର ସଂଖ୍ୟା ସେତିକି ହେବ, ଏହି ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଯଦି କୌଣସି ରାଷ୍ଟ୍ର ନିଜେ ମତଦାନ କରନ୍ତି ତେବେ ଏହି ସଂଗଠନ ମତଦାନ ଦେଇ ପାରିବେ ନାହିଁ ।

ଧାରା :୧୩

୧– ଚୁକ୍ତିନାମାଟି ଆଇନ୍‌ରେ ପରିଣତ ହେବାପରେ ଯଦି ଦଶଗୋଟି ରାଷ୍ଟ୍ର ଏହି ସର୍ତ୍ତାବଳୀକୁ ଅନୁମୋଦନ ଅଥବା ସମ୍ମତି ପ୍ରଦାନ କରିବେ ତେବେ ଏହାର ୩୦ ତମ ଦିବସରେ ସର୍ତ୍ତାବଳୀଟି ଆଇନ୍‌ରେ ପରିଣତ ହୋଇଯିବ ।

୨– ଏହାପରେ ଯଦି ରାଷ୍ଟ୍ରଗୁଡ଼ିକ ଏହି ସର୍ତ୍ତାବଳୀକୁ ଗ୍ରହଣ କରିବାର ୩୦ ଦିନ ପରେ ଏହା ସେମାନଙ୍କ ନିମନ୍ତେ ଆଇନ୍‌ରେ ପରିଣତ ହୋଇଯିବ ।

ଧାରା :୧୪

ଏହି ସର୍ତ୍ତାବଳୀ ସହିତ ଏକମତ ହୋଇଥିବା ରାଷ୍ଟ୍ରଗୁଡ଼ିକ ଏହାକୁ ସଂରକ୍ଷିତ ରଖିପାରନ୍ତି । ମାତ୍ର ଏହି ସଂରକ୍ଷଣ ସର୍ତ୍ତାବଳୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁନଥିବ । ଏହି ସଂରକ୍ଷଣ ଗୁଡ଼ିକୁ ଯେ କୌଣସି ସମୟରେ ଅପସାରଣ କରାଯାଇ ପାରିବ ।

ଧାରା :୧୫

ଏହି ସର୍ତ୍ତାବଳୀକୁ ସମ୍ମତି ଦେଇଥିବା ଯେ କୌଣସି ରାଷ୍ଟ୍ର ମିଳିତ ଜାତିସଂଘର ସାଧାରଣ ସମ୍ପାଦକଙ୍କ ନିକଟରେ ଏହି ସର୍ତ୍ତାବଳୀର କୌଣସି ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଇ ପାରିବେ ।

ତାପରେ ପ୍ରସ୍ତାବିତ ସଂଶୋଧନ ଗୁଡିକୁ ସାଧାରଣ ସମ୍ପାଦକ ଏହି ସର୍ତ୍ତାବଳୀ ସହିତ ଏକମତ ହୋଇଥିବା ଅନ୍ୟ ରାଷ୍ଟ୍ରଗୁଡିକ ନିକଟକୁ ପଠାଇବେ । ଯଦି ଚାରିମାସ ମଧ୍ୟରେ ଏହି ସର୍ତ୍ତାବଳୀ ସହିତ ସହମତ ହୋଇଥିବା ରାଷ୍ଟ୍ରଗୁଡିକ ମଧ୍ୟରୁ ଅନ୍ତତଃ ଏକତୃତୀୟାଂଶ ରାଷ୍ଟ୍ର ଏହି ସଂଶୋଧନ ଗୁଡିକୁ ଗ୍ରହଣ କରିବା ନିମନ୍ତେ ଏକତ୍ରିତ ହେବାକୁ ଇଛାକରନ୍ତି ତେବେ ସାଧାରଣ ସମ୍ପାଦକ ଏକ ସଭାର ଆୟୋଜନ କରିବେ । ଯଦି ସଭାରେ ଉପସ୍ଥିତ ଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଦ୍ୱି-ତୃତୀୟାଂଶ ଏହି ସଂଶୋଧନ ଗୁଡ଼ିକ ସପକ୍ଷରେ ମତଦାନ କରନ୍ତି ତେବେ ସଂଶୋଧନ ଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ସାଧାରଣ ସମ୍ପାଦକ ସେଗୁଡ଼ିକୁ ସାଧାରଣ ପରିଷଦରେ ଉପସ୍ଥାପନ କରିବେ ।

୨- ସାଧାରଣ ପରିଷଦରେ ଏହି ସଂଶୋଧନ ପ୍ରସ୍ତାବ ଗୁଡ଼ିକ ସ୍ୱୀକୃତି ପାଇବାପରେ ଏବଂ ଏହି ସର୍ତ୍ତାବଳୀ ସହିତ ସହମତ ହୋଇଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଯଦି ଦ୍ୱି-ତୃତୀୟାଂଶ ଏଗୁଡ଼ିକୁ ଗ୍ରହଣ କରିନ୍ତି ତେବେ ତାହାର ୩୦ ଦିନ ପରେ ଏହା ଆଇନ୍‌ରେ ପରିଣତ ହୋଇଯିବ । ଏହା ପରେ ଯଦି କୌଣସି ରାଷ୍ଟ୍ର ଏହି ପରିବର୍ତ୍ତନ ଗୁଡ଼ିକୁ ଗ୍ରହଣ କରନ୍ତି ତେବେ ତାହାର ୩୦ ଦିନ ମଧ୍ୟରେ ଏହା ସେହି ରାଷ୍ଟ୍ର ନିମନ୍ତେ ଆଇନ ହୋଇଯିବ । ଯେଉଁ ରାଷ୍ଟ୍ରଗୁଡ଼ିକ ଏହି ପରିବର୍ତ୍ତନ ଗୁଡ଼ିକୁ ଗ୍ରହଣ କରିଛନ୍ତି, କେବଳ ସେହି ରାଷ୍ଟ୍ରଗୁଡ଼ିକ ପାଇଁ ଏହା ଆଇନ୍ ହୋଇପାରିବ ।

**ଧାରା ୧୬**

କୌଣସି ରାଷ୍ଟ୍ର ପରବର୍ତ୍ତୀ ସମୟରେ ଏଥିରୁ ଅପସରି ଯାଇପାରନ୍ତି ଏବଂ କହି ପାରନ୍ତି ଯେ, ସେମାନେ ଏହି ସର୍ତ୍ତାବଳୀ ସହିତ ଆଉ ଏକମତ ନୁହନ୍ତି । ଏହା କରିବାକୁ ହେଲେ ସେମାନେ ଲିଖିତ ଆକାରରେ ମିଳିତ ଜାତି ସଂଘର ସାଧାରଣ ସମ୍ପାଦକଙ୍କ ନିକଟକୁ ତାହା ପ୍ରେରଣ କରିବେ ଏବଂ ଏହାର ଏକବର୍ଷପରେ ତାହା କାର୍ଯ୍ୟକାରୀ ହେବ ।

**ଧାରା ୧୭:**

ସର୍ତ୍ତାବଳୀର ବିଷୟବସ୍ତୁ ବ୍ରେଲ୍ ଲିପି ଏବଂ ଅନ୍ୟାନ୍ୟ ମାଧ୍ୟମରେ ପ୍ରସ୍ତୁତ କରାଯିବ ଯାହା ଫଳରେ ଏହାକୁ ସମସ୍ତ ବ୍ୟକ୍ତି ପଠନ କରି ପାରିବେ ଏବଂ ହୃଦୟଙ୍ଗମ କରି ପାରିବେ ।

**ଧାରା ୧୮:**

ସର୍ତ୍ତାବଳୀଟି ଆରବୀୟ ଭାଷା, ଚୀନଭାଷା, ଇଂରାଜୀ, ଫରାସୀ, ରୁଷୀୟ ଏବଂ ସ୍ପେନୀୟ ଭାଷାରେ ସମାନ ଭାବରେ ମୂଳବସ୍ତୁ ହୋଇ ରହିବ ।

aaina
N-6/298, Jayadev Vihar, Bhubaneswar-15
Phone-(0674)2550100
www.aaina.org.in
Email-aaina50@hotmail.com
aaina50@gmail.com